# କୁଭି କନ୍ଧ ଲୋକ କଥା



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଭୁବନେଶ୍ୱର

# କୁଭି କନ୍ଧ ଲୋକକଥା

ଡ. ପରମାନନ୍ଦ ପଟେଲ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର

# କୁଭିକନ୍ଧ ଲୋକକଥା

ସଂକଳନ : ଡ. ପରମାନନ୍ଦ ପଟେଲ

ସମ୍ପାଦନା : ପ୍ରଫେସର (ଡ.) ଅଖିଳ ବିହାରୀ ଓଟା, ଆଇ.ଏ.ଏସ୍.

ପ୍ରକାଶକ : © ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଆଦିବାସୀ ପ୍ରଦର୍ଶନୀ ପଡ଼ିଆ
ୟୁନିଟ୍-୧, ଭୁବନେଶ୍ୱର-୯

ପ୍ରଥମ ପ୍ରକାଶ : ଜାନୁୟାରୀ - ୨୦୧୧

ମୂଲ୍ୟ :

ମୁଦ୍ରଣ : ଭୋଲାନାଥ ପ୍ରେସ୍
୧୨୦୧/୧୬୦୧, ବମିଖାଲ
ଭୁବନେଶ୍ୱର-୭୫୧୦୧୦

# ମୁଖବନ୍ଧ

କଥା କହିବା ଓ ଶୁଣିବା ମଣିଷ ପରି ପ୍ରାଚୀନ । ଅବସର ବିତାଇବା ପାଇଁ ତଥା ଶ୍ରମରେ ଲାଘବ ଆଣିବା ପାଇଁ କଥା ଓ ଗୀତର ଆବଶ୍ୟକତା ପ୍ରାଚନୀ ମଣିଷ ଅନୁଭବ କରିଥିଲା । ପିଢ଼ି ପରେ ପିଢ଼ି ତାହା ଗତିଶୀଳ ହୋଇ ଲୋକ ପରମ୍ପରା ହୋଇଗଲା । କୌଣସି ନିର୍ଦ୍ଦିଷ୍ଟ ଔପଚାରିକତା ନାହିଁ, ଅନୁଶାସନ ନାହିଁ, ପାହାଡ଼ି ଝରଣା ପରି ଏପରମ୍ପରା ଗତିଶୀଳ । କଥକ ତଥା କଣ୍ଠଶିଳ୍ପୀର ଇଚ୍ଛାନୁସାରେ ଏହା ଶ୍ରୋତାଙ୍କ ମନୋରଞ୍ଜନ ସାମଗ୍ରୀ । ପରେ ପରେ ଏହା କିଛି ମାତ୍ରାରେ ଶିକ୍ଷଣୀୟ ହେବାରେ ଲାଗିଲା । ଅତୀତ ମଣିଷର କ୍ରିୟାକଳାପ, ସୁଖ ଦୁଃଖର ବିଷୟ ଏଥିରେ ସ୍ଥାନୀତ ହେଲା । ବିବିଧ ପ୍ରତୀକ, ଉପମା ଅଲଂକାରର ପ୍ରୟୋଗ ସହ ଏହା କାଳକ୍ରମେ ସଂଚରିତ ହେଲା, ଏକ ଅଞ୍ଚଳରୁ ଆଉ ଏକ ଅଞ୍ଚଳକୁ । ସ୍ଥାନୀୟ ଉପାଦାନ ସମୂହ ପ୍ରବେଶ ସହ ପ୍ରତ୍ୟେକ ଅଞ୍ଚଳରେ ମୂଳବସ୍ତୁ ସହ ମୌଳିକ ଉପାଦାନର ସମ୍ମିଶ୍ରଣ ଘଟି କଥାନକରେ ପରିବର୍ତ୍ତନ ଆସିଲା । ସମସ୍ତ ଅଞ୍ଚଳର କଥାରେ ସେଇ ଏକ ଭାବର ବିନ୍ୟାସ ଘଟିଛି ଓ କାଳକାଳକୁ ଏ ବିନ୍ୟାସ ଧାରା ସୁସଂହତ ହୋଇଛି ।

ଜନଜାତି ସାହିତ୍ୟ ମଧ୍ୟ ଏ ଧାରା ସହ ଗତିଶୀଳ । ପାର୍ଥକ୍ୟ ଏତିକି, ଏମାନଙ୍କ ଜଗତ୍‌ଦୃଷ୍ଟି ସୀମିତ । ସେଇ ସୀମା ଭିତରେ ସେମାନେ ଯେତିକି ଉପାଦନ ପାଇଲେ ତାକୁ ନିଜର କରି ରଖିଲେ ।

ଭାଷା ବିଷୟ ଆଲୋଚନା ସମୟରେ ସମ୍ପୃକ୍ତ ଭାଷା ଗୋଷ୍ଠୀର ଲୋକ ମୌଖିକ ଉପାଦାନଗୁଡ଼ିକ ସମ୍ମୁଖକୁ ଆସେ । ଗପ, ଗୀତର ଅବତାରଣା ଦେଇ ଶିକ୍ଷଣ ପ୍ରକ୍ରିୟାକୁ ଗତିଶୀଳ କଲେ ପିଲାମାନଙ୍କ ଆଗ୍ରହ ବଢ଼େ । ଏହି ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି

ଏକାଡ଼େମୀ ଜନଜାତି ସମାଜର ଲୋକ ସାହିତ୍ୟ ସଂଗ୍ରହ କରି ଆସୁଛି । ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର କାର୍ଯ୍ୟଧାରା ମଧ୍ୟରେ ଅଣ-ଆଦିବାସୀ ଶିକ୍ଷକମାନଙ୍କୁ ଆଦିବାସୀ ଭାଷାରେ ଶିକ୍ଷା ପ୍ରଦାନ ପ୍ରମୁଖ ଉଦ୍ଦେଶ୍ୟ । ଭାଷା ଶିକ୍ଷାରେ ଗପ, ଗୀତର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଭାଷା ପ୍ରଶିକ୍ଷଣ ସମୟରେ ପ୍ରଶିକ୍ଷାର୍ଥୀମାନଙ୍କୁ କ୍ଷେତ୍ର ଅଧ୍ୟୟନ ପାଇଁ ପଠାଯାଇ ଅଭିଭାବକମାନଙ୍କ ସହ କଥୋପକଥନ ପାଇଁ ସୁଯୋଗ ଦିଆଯାଇଥାଏ । ସେଇ ଅବସରରେ ଅଧିକାଂଶ ପ୍ରଶିକ୍ଷାର୍ଥୀ ସେମାନଙ୍କ ଠାରୁ ଗପ ଗୀତ ସଂଗ୍ରହ କରିଥାନ୍ତି । ଏକାଡ଼େମୀର ଗବେଷଣା ଅଧିକାରୀ ଡ. ପରମାନନ୍ଦ ପଟେଲ ଏହି କାର୍ଯ୍ୟ ସଂଯୋଜନା ସହ ସଂଗୃହୀତ ଗପଗୁଡ଼ିକୁ ମାର୍ଜିତ କରି ସମ୍ପାଦିତ କରିବାର ଏକ ଦୁରୂହ କାର୍ଯ୍ୟ ହାତକୁ ନେଇଛନ୍ତି ଉଦ୍ଦେଶ୍ୟ, ଭାଷା ମାଧ୍ୟମରେ ଶିକ୍ଷଣ ପ୍ରକ୍ରିୟାରେ ଏହି ସଂଗୃହୀତ ଉପାଦାନଗୁଡ଼ିକୁ କାର୍ଯ୍ୟରେ ଲଗାଇବା ।

ସଂଗୃହୀତ କୁଭି କଥା ବସ୍ତୁର ପୁସ୍ତକ ରୂପ ହେଉଛି କୁଭି କନ୍ଧ ଲୋକ କଥା । ଉପଦେଶାତ୍ମକ, ବର୍ଣ୍ଣନାତ୍ମକ, ତଥା ଲୋକଗଳ୍ପ ଆଧାରରେ ଏହି ଗଳ୍ପଗୁଡ଼ିକ ବିଭକ୍ତ ।

ଜିଜ୍ଞାସୁ ପାଠକ ତଥା ଶିକ୍ଷକ ଓ ପିଲାମାନଙ୍କ ଉଦ୍ଦେଶ୍ୟରେ ଏହା ସଂକଳିତ ହୋଇଥିବାରୁ ସରଳ ଓ ସଂକ୍ଷିପ୍ତ ରୂପେର କଥାନକଗୁଡ଼ିକ ଉପସ୍ଥାପନା ହୋଇଛି ।

ଆଶା କରୁଛୁ, ଏହା କାମକୁ ଆସିବ ଓ ଆମର ଶ୍ରମ ସାର୍ଥକ ହେବ ।

ଅଖିଳ ବିହାରୀ ଓତା
ସଦସ୍ୟ ସମ୍ପାଦକ

# ସୂଚୀପତ୍ର


| କ୍ର.ସଂ. | ବିଷୟ | ପୃଷ୍ଠା |
|---|---|---|
| ୧ | ହିରେ ପ୍ରାବୁ (କିମ୍ବଦନ୍ତୀ) କୁଭି | ୧ |
| ୨ | ଚୈତ୍ର ପର୍ବ (କିମ୍ବଦନ୍ତୀ) | ୨ |
| ୩ | ହୀରଙ୍ଗ ପୂଜା (କିମ୍ବଦନ୍ତୀ) | ୩ |
| ୪ | ହୀରଙ୍ଗ ପୂଜା (କିମ୍ବଦନ୍ତୀ) | ୪ |
| ୫ | ମନ୍ତ୍ରୀ ପୁଅ ଓ ସାଙ୍ଗ | ୫ |
| ୬ | ମନ୍ତ୍ରୀ ପୁଅ ଓ ସାଙ୍ଗ | ୬ |
| ୭ | ସାଲାକି କଲିୟା | ୭ |
| ୮ | ଚତୁର ବିଲୁଆ | ୯ |
| ୯ | କୁଲିମାର୍କା (କିମ୍ବଦନ୍ତୀ) | ୧୧ |
| ୧୦ | ନୂଆଖାଇ | ୧୨ |
| ୧୧ | ମାପ୍ରୁ ଏନାକିତେଁ ମାହା ନେହିଁତାକି | ୧୩ |
| ୧୨ | ଜଗତେ ଯାହାବା ଘଟଇ ପ୍ରାଣିର ହିତ ହୋଇଥାଇ | ୧୪ |
| ୧୩ | ସୁଲୁଭ ଗଦ | ୧୫ |
| ୧୪ | ଚତୁର ଗଧ | ୧୬ |
| ୧୫ | ଟାକୁପାର୍ବୁ | ୧୭ |
| ୧୬ | ଟାଙ୍କୁ (କୋଇଲି) ପର୍ବ | ୧୮ |
| ୧୭ | କାଡିଆ ବାଣିଆ କାତା | ୧୯ |
| ୧୮ | କାଡିଆ ବାଣୁଆ କଥା | ୨୦ |
| ୧୯ | ନକେତି କାତା | ୨୧ |
| ୨୦ | ଆଗ କାଳର କଥା | ୨୨ |
| ୨୧ | ଯାଦୁ/ଗାରଡି ମୁଦି | ୨୩ |
| ୨୨ | କୁହୁକ ମୁଦ୍ରିକା | ୨୬ |
| ୨୩ | କିମ୍ବଦନ୍ତୀ | ୨୯ |
| ୨୪ | ସାତ ଭାଣା ତାଇଁ | ୩୦ |
| ୨୫ | ସାତ ଭାଇ ଓ ଆମ୍ବ ଗଛ କଥା | ୩୨ |
| ୨୬ | ବୁଦ୍ଧି ହିଲାଆତେଁ ସବୁ ନାସା | ୩୪ |
| ୨୭ | ବୁଦ୍ଧି ନଥିଲେ ସବୁ କ୍ଷତି ହୁଏ | ୩୬ |
| ୨୮ | ଅବଶାସୀ ଦିସାରୀ· ଶ୍ରାସମି- ୧ | ୩୮ |
| ୨୯ | ଅପରିଣାମଦର୍ଶୀ ବିଶ୍ୱାସୀ ବ୍ରାହ୍ମଣ | ୩୯ |
| ୩୦ | ପ୍ରୁରୁବା ବେଲାତା କାତା | ୪୦ |
| ୩୧ | ପୂର୍ବ କାଳର କଥା | ୪୧ |
| ୩୨ | କାଲା ବାନ୍ଧା | ୪୨ |
| ୩୩ | କଳାବନ୍ଧର ଜନ୍ମ କଥା | ୪୪ |
| ୩୪ | ଭାଗା ପୃଥିବୀ ନରୁ ଏନିକି ଗାଡି ଆତେରି (କିମ୍ବଦନ୍ତି) | ୪୬ |
| ୩୫ | ପୃଥିବୀରେ ମନୁଷ୍ୟ କିପରି ବଂଶ ବିସ୍ତାର କଲା | ୪୮ |
| ୩୬ | ପାର୍ବୁ କିତେ ଆଣାତାକି ସାଣାପା କିନାଇ | ୫୦ |
| ୩୭ | ପର୍ବ ପାଳନ ପୂର୍ବରୁ କାହିଁକି ସନ୍ଧି ଦେବତା ପୂଜା କରାଯାଏ | ୫୨ |
| ୩୮ | ହରୁ ରାଚୁ କାତା | ୫୪ |
| ୩୯ | ବୁଢା ବୁଢୀ ଓ ଅଜଗର ସାପ କଥା | ୫୬ |
| ୪୦ | ମାଟି ଗୌରୀ ଆୟା କାଥା | ୫୮ |
| ୪୧ | ମା ମାଟି ଗୌରୀଙ୍କ କାହାଣୀ | ୫୯ |
| ୪୨ | ରାତାପେନୁ | ୬୦ |

| କ୍ର.ସଂ. | ବିଷୟ | ପୃଷ୍ଠା |
|---|---|---|
| ୪୩ | ରଥ ଦେବତା | ୬୨ |
| ୪୪ | ନିୟମଗିରି ପେନୁ କାଥା | ୬୪ |
| ୪୫ | ନିୟମଗିରି ପର୍ବତ (କିମ୍ବଦନ୍ତି) | ୬୫ |
| ୪୬ | କାଗା ପୃଥିକାଥା | ୬୬ |
| ୪୭ | ପୃଥିବୀ ସୃଷ୍ଟିର ରହସ୍ୟ(କିମ୍ବଦନ୍ତୀ) | ୬୭ |
| ୪୮ | ଏନ୍ଦୁତାଆ | ୬୮ |
| ୪୯ | ଜଳକନ୍ୟା | ୬୯ |
| ୫୦ | କିରାକାତା | ୭୦ |
| ୫୧ | ଶୁଆ କଥା | ୭୨ |
| ୫୨ | ବାଲୁ ଅଡେ ଗରି | ୭୪ |
| ୫୩ | ଭାଲୁ ଓ ଛେଳି | ୭୫ |
| ୫୪ | କାୱା ଏନାତାକି କାତିନେ? | ୭୬ |
| ୫୫ | କାଉର ରଙ୍ଗ କଳା କାହିଁକି? | ୭୭ |
| ୫୬ | ବଲେ ଅଡେ ଅରଲି | ୭୮ |
| ୫୭ | ବିଲେଇ ଓ ମୂଷା | ୮୦ |
| ୫୮ | ବାରିଝୋଲା ନାୟୁଁ ତି କାତା ନରକାତା (କିମ୍ବଦନ୍ତୀ) | ୮୨ |
| ୫୯ | ବାରିଝୋଲା ଗାଁର କଥା | ୮୩ |
| ୬୦ | ମାଣ୍ଡିଆ ରାଣୀ (କିମ୍ବଦନ୍ତୀ) | ୮୪ |
| ୬୧ | ମାଣ୍ଡିଆରାଣୀ (କିମ୍ବଦନ୍ତୀ) | ୮୫ |
| ୬୨ | ଶାସ୍ମି (ଗପ-୧) ଅଧିକ ଆଶାଆଁତେ ଆନାଇ | ୮୬ |
| ୬୩ | ଅତି ଲୋଭରେ ମୃତ୍ୟୁ (ଶ୍ରାସମି-ଗପ-୧) | ୮୮ |
| ୬୪ | ଟାକା ବାଙ୍କ୍ରି ମାଣିଷି ରାହାଁଇଏଁ | ୯୦ |
| ୬୫ | ସମ୍ପତ୍ତି ମନୁଷ୍ୟକୁ ଖୁସି ଦିଏ ନାହିଁ | ୯୧ |
| ୬୬ | ରାକେସି ପୂଜା (କିମ୍ବଦନ୍ତୀ) | ୯୨ |
| ୬୭ | ରାକ୍ଷାସ ପୂଜା (କିମ୍ବଦନ୍ତୀ) | ୯୩ |
| ୬୮ | ଘେତା ଓ ଲେଞ୍ଜୁ ତ୍ରାଣକି | ୯୪ |
| ୬୯ | ସୂର୍ଯ୍ୟ ପରାଗ ଓ ଚନ୍ଦ୍ରଗ୍ରହଣ | ୯୬ |
| ୭୦ | ହୁକା ଏନତାକି ଲାଏଁ ହନୁ | ୯୮ |
| ୭୧ | ତାରା କାହିଁକି ରାତିରେ ଦେଖାଯାଏ | ୯୯ |
| ୭୨ | ମୂର୍ଖାଲୋକୁ ଦାନାଲୋକୁ ଆଟିଁ | ୧୦୦ |
| ୭୩ | କୃପଣ ହେଲା ଦାନୀ | ୧୦୧ |
| ୭୪ | ପୁନି କାଗା ସୃଷ୍ଟି ଲୋକକଥା | ୧୦୨ |
| ୭୫ | ସୃଷ୍ଟିର ଆରମ୍ଭ | ୧୦୪ |
| ୭୬ | ନାୟୁଁ ଗାଟିନଏ (କିମ୍ବଦନ୍ତି) | ୧୦୬ |
| ୭୭ | ଗାଁ ବନ୍ଧନ | ୧୦୭ |
| ୭୮ | ମାୟାତଲୁ (ଲୋକକଥା) | ୧୦୮ |
| ୭୯ | ମାୟାଛାଲ (ଗପ) | ୧୧୦ |
| ୮୦ | ବାନ୍ଦାଗଜି ଅଡେ କାୱା(ଲୋକକାହାଣୀ) | ୧୧୨ |
| ୮୧ | ବଗ ଓ କାଉ ଗପ | ୧୧୩ |
| ୮୨ | କଯୁ ଅଡେ ସୁରୁଜୁ | ୧୧୪ |
| ୮୩ | କୁକୁଡା ଓ ସୂର୍ଯ୍ୟ | ୧୧୫ |
| ୮୪ | ଦେବଗିରି | ୧୧୬ |
| ୮୫ | ଦେବଗିରି | ୧୧୭ |

# ,ହିରେ ପ୍ରାବୁ (କିମ୍ବଦନ୍ତୀ) କୁଭି

ନକେଏଁ ଇଜୋ ବେଜେଣିତାଚାନା ସୁନ୍ଦର କେପିନା । ମାହା ତାଚାନା ବାଦା କିନୁ । ଗୁଲି ମାଞ୍ଜି ଇଟାନା କୟୁ ହିପା କତାନା ମାଞ୍ଜି ହି ତିହୁନୁ । କୟୁ ମାଞ୍ଜି ତିସାନା ତାକିନୁ । ବ୍ରାନେରି କାଚାନା ଏୟୁ ଦସାବାଲଟି ୱାଖାନା ଲାଗଦି ଆନେ । ତିନି ଦିନା ଯେତାଲା ଲାଗଦିକାନା ରାଙ୍ଗୁ କାହିନେରି । ତିନିଦିନ ତେତାଲା ନାୟୁତା । ସବୁ ଇଜତେ ଅଣ୍ଡା ରହ ଆନେ ହେ ରୁନ୍ଦି କାହାନା ରନ୍ଦା କିନେରି । ସବୁଜାଣା ମାହା ତୋଟାତା ହାଜାନା ରହଆଁ । କାଜା ଦାଚୁ ଲିଙ୍ଫି ନେରି । ଅତେ ସବୁ ଜାଣାହାଜାଆନି ଲୋକୁ ୱାଲି ଆସାନା ଦାଚୁଉଁ । କୁତିନେରି । ଆମ୍ବାଆତିନି ଏତୋଲାଆଁ ଆସାନା ଗେଟିଲିତା ତେକାନା ନାଇଁତା ଟିପିନେରି । କ୍ରିବି କିତି ପତେର ଜାନି ଇଜଅଁ ରେଫିନେରି । ରେଫତିପରେ ନାଇଁ ତି ସବୁ ଲୋକଉଁ ଇଜୋ ଇଜେରଆଁ ଇଲାକା ଗେଟଲି ତେକାନା । କାଜା ଇଜଅଁ ରେଫନା ରହାଇଁ ଲାକା ଦଶ ଟାକାଁ ଲେଏଁ ରୁଣ୍ଡି କିନେରି । ଲାଅଁ ଏ ଟାକାଁ ଲାଗି କାତୁ ଗହନେର । ଅର ଦିନ ନାୟୁଁତି ସବୁ ପଦାଆଁ ନାୟୁଁ ମାଦିହେ ସାମୁଣ୍ଡା କିନୁଂ । ଆମ୍ବାଟେଏ ତଲା ନେଟା ହାଜାନା ମାରିଲୁ ପାୟାନା ତାନେରି ତାଚାନା ସାମୁଣ୍ଡତା ଇଟିନେରି । ଇଟଲିହାତି ତିପରେ ଅରଦିନ । ତଲାଁ ପଦାଁ କାଲାହାନା ବାଦା ୱେଚିହିଁ ମିଣିକା ଆସେଲି ହାନୁ । ଆସିତି ପାରିଏ ଜାନି ଇଜଅଁ ତାଚାନା ମିଣିକା ହିନୁ । ନାୟୁଁତି ଲୋକୁ ସବୁଜାଣା ଆହାନା ଭୋଜି କିହାନା ତିନୁ ।

□□□

# ଚୈତ୍ର ପର୍ବ (କିମ୍ବଦନ୍ତୀ)

ପ୍ରଥମେ ଘରେ ବେଜୁଣିକୁ ଡାକି ଘରକୁ ସୁନ୍ଦର କରି ସଜାଇବେ । ଆମ୍ବକୁ ଚିରି ଫଡା କରିବେ । ତାପରେ ଟାଙ୍ଗୁଡିରେ ଗୁଉଳ ରଖି କୁକୁଡା ଛୁଆକୁ ସେହି ଗୁଉଳ ଖୁଆଇବେ । ବେଜୁଣି ଛୁରିରେ କୁକୁଡା ଛୁଆକୁ କାଟିବେ । ତାପରେ ପୂଜାରି ଗାଁ ମଝିରେ ଗୋଟିଏ ଗାତ ଖୋଳି ଦଶ ବାଲତି ପାଣି ପକାଇ ସେହି ମାଟିକୁ କାଦୁଅ କରିବେ । ତିନିଦିନ ପର୍ଯ୍ୟନ୍ତ ରଙ୍ଗ କରି କାଦୁଅ ଖେଳିବେ । ତିନିଦିନ ପରେ ଗୋଟିଏ ହାଣ୍ଡିରେ ଗାଁରେ ସବୁ ଘରର ଭାତ ରନ୍ଧା ହେବ । ସମସ୍ତେ ଆମ୍ବ ତୋଟାକୁ ଯାଇ ଗୋଟିଏ ବଡ଼ ଡଙ୍ଗି ନେଇ ଠିଆ କରିବେ । ସମସ୍ତେ ଯିବା ଲୋକ ପଥର ଧରି ସେହି ଡଙ୍ଗିକୁ ମାରିବେ । ଯାର ପଥର ସେହି ଡଙ୍ଗିରେ ବାଜିବ ପିଲାକୁ ଧରି ଖଟରେ ବୋହି ଗାଁ ସାହି ବୁଲେଇବେ । ବୁଲାଇଲା ପରେ ଜାନି ଘରେ ଓହ୍ଲେଇବେ । ତାପରେ ଗାଁ ସାରା ଲୋକଙ୍କୁ ଘର ପିଛା ଜଣଜଣକୁ ଖଟରେ ବୋହି ମୁଖ୍ୟ ଘରେ ଓହ୍ଲାଇବେ । ଜଣକ ପିଛା ୧୦ ଟଙ୍କା ଲେଖାଏଁ ଆଦାୟ କରିବେ । ସନ୍ଧ୍ୟା ବେଳେ ସେହି ଟଙ୍କାରେ ମଦ ଖାଇବେ । ଏହା ପରେ ଗୋଟିଏ ଦିନ ଗାଁର ସମସ୍ତ ଝିଅପିଲା ଗାଁ ମଝିରେ ଛାମୁଣ୍ଡା କରିବେ । ତାପରେ ପୁଅମାନେ ଶୀକାର କରିବାକୁ ଯାଇ ଠେକୁଆ ମାରି ଆଣି ଛାମୁଣ୍ଡାରେ ପକେଇବେ । ଆଉ ଗୋଟିଏ ଦିନ ପୁଅ ଓ ଝିଅ ମିଶି ବାଜା ଧରି ମାଛ ଧରିବା ପାଇଁ ନଦୀକୁ ଯିବେ । ମାଛଧରି ସେହି ମାଛକୁ ଜାନି ଘରେ ଆଣି ଦେବେ । ତାପରେ ଗାଁରେ ଭୋଜି କରି ସମସ୍ତେ ଖାଇବେ ।

□□□

# ହୀରଙ୍ଗ ପୂଜା (କିମ୍ବଦନ୍ତୀ)

ଏ ପୂଜା କିହିଲି, ଡିହାରା ସଗୁ ହେଣ୍ଡାନା ସଗୁ ତାଲେଏଁ ପୂଜା କିନେରି । ଏଚିପୁଟା ନାୟୁଶାନ୍ତି ୱାନେ । ଏ ପୂଜା କିହିଲି ନକେଏଁ କୋଡିତଲେଏଁ କିନେରି । ନେଏଁ ପାଜିତଲେଁ କିହିନେରି । ଏ ପୂଜା ତାକି ବେଜେଣି ଡିହିରା ଇ ଆସାନା ପୂଜା କିନେରୀ । ଏ ପୂଜା ତାକି ବାଜାଁ ୱେପି କିନାରୀ । ଏ ପୂଜା ତାକି କିୟୁ, ପାରାୱା, ମାଞ୍ଜି, ତାଡିଂ, ଗୁଡୁ, ଲେୟାଁ, ନାଡେଲି, ସିବିତା, ହାତେଡି, କୁଡାନା ପୂଜା କିନେରି । ଏ ପୂଜା ତାକି ଲାଆଁ ସଗୁ ହେଣ୍ଡାନା ସଗୁ ତଲେଁ ଲାଆଁ ତିନି ସାରି ଘାଣ୍ଟା ପୂଜା ଲାଗିନେ । ଲାଆଁ, ବେୟି ବାଷା କିନେରି ୱେୟିତେଁ ପୂଜା ସାମାନି ସାବୁ ନାଇତିନର ତାମ୍ନେ ଜାଣା କାଲାହ୍ନା ତିନେରି । ଏଚିପୁଟା ପୂଜା ରାତେଁ । ଏ ପୂଜା କିହୀଲି ତାକି ଏ ନାୟୁତା ସବେ ନମେରି । କଷ୍ଟମେଯାକାଲା ଶାନ୍ତି ଆନେ ଇଞ୍ଜେ ଲୋକୁ ବିଶାସ କିନେରୀ ।

□□□

# ହୀରଙ୍ଗ ପୂଜା (କିମ୍ବଦନ୍ତୀ)

ଗ୍ରାମରେ ନାନା ପ୍ରକାର ରୋଗ କଷ୍ଟ ହୋଇଥିଲେ ତାହା ଦୂର ହେବା ପାଇଁ ଏ ପୂଜା କରାଯାଏ । ଏ ପୂଜା କରିବା ପାଇଁ ଦିସାରିକୁ ଶୁଭ ଯୋଗ ପଚ୍ଚାରି ପୂଜା କରନ୍ତି । ଯେତେବେଳେ ଗାଁ ଶାନ୍ତ ହେବ ସେତେବେଳେ ଏ ପୂଜା କରାଯାଏ । ଅତୀତରେ ଏ ପୂଜାଟି ବଳଦ ବା ଗାଈ ସହିତ କରୁଥିଲେ । ବର୍ତ୍ତମାନ ଘୁଷୁରି ସହିତ କରୁଛନ୍ତି । ଏହି ପୂଜାକୁ ବେଜଣି ଓ ଦିସାରି ମିଳିତ ଭାବେ କରିବେ । ଏ ପୂଜାରେ ବାଜା ବାଜିବ । ପୂଜା ସାମଗ୍ରୀ ଭାବେ କୁକୁଡା, ପାରା, ଚ୍ଚାଉଳ, କଦଳୀ, ଗୁଡ, ମୁଢୀ, ନଡିଆ, ଚୂଡା, ଉଖୁଡା, ଧୂପ ଇତ୍ୟାଦି ଜିନିଷ ସଂଗ୍ରହ କରାଯିବ । ଶୁଭ ଯୋଗ ଦେଖି ରାତିରେ ତିନି ଚ୍ଚାରି ଘଣ୍ଟା ଧରି ଏହି ପୂଜା ହେବ । ରାତି ସାରା ପୂଜା କରି ସମସ୍ତେ ପୂଜା ଜାଗାରେ ରହିବେ । ସକାଳ ହେଲାପରେ ଯେତେ ଜିନିଷ ପୂଜା ହୋଇଛି ଗାଁର ସମସ୍ତ ଲୋକ ମିଳିତଭାବେ ଖାଇବେ । ଲୋକମାନଙ୍କର ବିଶ୍ୱାସ ରହିଛି ଯେ, ପୂଜା ସରିଯିବା ସଂଗେ ସଂଗେ ଗାଁରୁ ରୋଗ, ଜ୍ୱର ଇତ୍ୟାଦି ଦୂର ହେଇଯିବ ।

□□□

# ମନ୍ତ୍ରୀ ପୁଅ ଓ ସାଙ୍ଗ

ର ମନ୍ତ୍ରୀ ମାଚେସି । ରଟୁତା ହାଜି ମାଚାଟିର ତଲା ଗତା଼ୟୁ କ୍ରାହିମାନତି ମେସ୍ତେସି । ମନ୍ତ୍ରୀ ତଲାଇ ୱେଚି ଏନାତାକି ଗାତା଼ୟୁ କ୍ରାହି ମାଜିଂ । ତଲା ୱେସ୍ତି ଆମ୍ବାଇ ଗାତା଼ୟୁ କାଗିନି ଏ ୱାଇଏ ଜଲା ତା ତର୍‌ଗିନି । ମନ୍ତ୍ରି ୱେସ୍ତି ଏତଲାଁ ଗାଟି ଗ୍ରୀଲାକି । ମନ୍ତ୍ରୀଏ ତଲାଇ ନିଜ ଇଜଅଁ ଅତିଂ । ଏ ତଲାଇ ତାତଲାତାଗି ସାଦିୱି କିତିଂ । ଏ ହାଟାଁ ଏହାନି ତଲା ନିହି କେଁ ସାହୱିତିଂ ମନ୍ତ୍ରୀ ମିର୍‌ଇଁ ନିହିକେଁ ସାଦାବା ଆତିଂ କାଙ୍ଗାଲା ଆହାତଁ । ମନ୍ତ୍ରୀ ଅଣ ପିତିସିଇ ଏ ତଲାଁ ନେହି କି ସାଦିବିତିହିଁ ରାଜା ଇଜଅଁ ମନ୍ତ୍ରୀ ଆନେସି । ମନ୍ତ୍ରୀ ସାଇବାଇ ୱେସ୍ତେସି ଆମ୍ବାସି ଉଙ୍ଗାତାକି ୱାତିଂହି । ଏ ୱାଣାଇ ୱାତାଇ ଗାତ୍ରାରାବି କାତାନା ଉଙ୍ଗା କିୟା ପାଣ୍ଡିତାମୁ । ମନ୍ତ୍ରୀ ଏ ତଲାଇ ଉଙ୍ଗା ତାକା ହାଲାମୁ ଇଞ୍ଜି ପାଣ୍ଡିତେସି । ଏ ତଲା ଉଙ୍ଗାତାକିହାନି ୱେଲା ମନ୍ତ୍ରୀ ମିଇସି ରାସ୍ତାତା ବଲୁ କାହି ମାଚେସି । ମନ୍ତ୍ରୀ ମିଏସି ଏ ତଲାଇ ୱେଚେସି ଇମ୍ବିଆ ହାଜିମାଞ୍ଜି । ଏ ତଲାଁ ୱେସ୍ତେସି ନାନୁ ଉଙ୍ଗା ତାକା ହାଜି ମାଇନି । ନାନୁରୁଅଁ ତେନୁ କାହାଲି ମୁଆନୁ । ନିନୁ କାହାମୁ ନାନୁ ଉଙ୍ଗାତାକି ଆହିନି । ମନ୍ତ୍ରୀ ତଲାଁ ଉଙ୍ଗା ତାକି ହାଜାଲିଇ ସାଇବ ଗାତ୍ରାଁ ଗାତ୍ରାଁ କାତାନାହା ଉଙ୍ଗାକିତେସି । ଏତଲାଁ ଇଜୋ ୱାୟାଲି ତାକି ହି ମନ୍ତ୍ରୀ ୱେଚେସି ନା ତଲାଁ ଏମ୍ବିୟା ହେଚେସି । ଏ ତଲାଁ ମନ୍ତ୍ରୀଇ ୱେସ୍ତେସି ମି ତଲାଁ ଉଙ୍ଗା ତାକି ହାଜା ମାନେସି । ମନ୍ତ୍ରୀ ଅଣପିତେସି ତାନି ତଲାଁ ହାୟା ହେଚେସି । ମନ୍ତ୍ରୀ ତଲା କାତା ଅଣିପିତେସି ।

ଏମ୍ବାଇଁ ରଆଇଁ ତାକି ଗାତା଼ୟୁ କାରେତିସି ଏୱାଇଁ ନିଜେ ଗାତା଼ୟୁତା ମେଦିନେସି ।

□□□

# ମନ୍ତ୍ରୀ ପୁଅ ଓ ସାଙ୍ଗ

ଉପଦେଶାତ୍ମକ ଆଖ୍ୟା

ଜଣେ ମନ୍ତ୍ରୀ ଥିଲେ । ସେ ରାସ୍ତାରେ ଯିବା ସମୟରେ ଗୋଟିଏ ପିଲା ଗାତ ଖୋଳୁଥିବାର ଦେଖିଲେ । ମନ୍ତ୍ରୀ ତାକୁ ପଚାରିଲେ କାହିଁକି ଗାତ ଖୋଳୁଛୁ ? ସେ କହିଲା ଯେ ଗାତ ଖୋଳୁଛି ସେ ନିଜେ ହିଁ ସେ ଗାତରେ ପଡିବ । ମନ୍ତ୍ରୀ ଭାବିଲେ ଏ ପିଲା ବେଶୀ ଚାଲାଖ ଅଛି । ମନ୍ତ୍ରୀ ଏ ପିଲାକୁ ନିଜ ଘରକୁ ନେଇଆସିଲେ । ମନ୍ତ୍ରୀ ତାଙ୍କ ପୁଅସହ ତାକୁ ମଧ୍ୟ ପାଠ ପଢାଇଲେ । ସେ ପୁଅ ଭଲ ପାଠ ପଢିଲା କିନ୍ତୁ ମନ୍ତ୍ରୀ ପୁଅ ଭଲ ପାଠ ପଢିଲା ନାହିଁ । ମନ୍ତ୍ରୀ ଭାବିଲେ ସେ ଭଲ ପାଠ ପଢିଲେ ରଜା ଘରେ ମନ୍ତ୍ରୀ ହୋଇଯିବ । ଏହା ବିଚାର କରି ଦିନେ ମନ୍ତ୍ରୀ କଂସେଇକୁ କହିଲେ ମୁଁ ଯାହାକୁ ମାଂସ ଆଣିବାପାଇଁ ପଠେଇବି ତାକୁ ଖଣ୍ଡ ଖଣ୍ଡ କରି କାଟି ମାଂସ କରିଦେବ । ମନ୍ତ୍ରୀ ସେ ପିଲାକୁ ମାଂସ ଆଣିବା ପାଇଁ ପଠେଇଲେ । ରାସ୍ତାରେ ଯିବା ସମୟରେ ମନ୍ତ୍ରୀ ପୁଅ ବଲ ଖେଳୁଥିଲା । ସେ ତାକୁ ପଚାରିଲା କେଉଁ ଆଡକୁ ଯାଉଛୁ । ସେ ପୁଅ ମାଂସ ଆଣିବାକୁ ଯାଉଛି ବୋଲି କହିଲା । ମନ୍ତ୍ରୀ ପୁଅ କହିଲା ମୁଁ ଏକୁଟିଆ ଖେଳିପାରିବିନାହିଁ, ତୁ ବଲ୍ ଖେଳୁଥା, ମୁଁ ମାଂସ ଆଣିବାକୁ ଯିବି । ମନ୍ତ୍ରୀ ପୁଅ ମାଂସ ଆଣିବାକୁ ଗଲା । କଂସେଇ ତାକୁ ଖଣ୍ଡ ଖଣ୍ଡ କରି ହାଣି ମାଂସ କରିଦେଲା । ଖେଳିସାରି ସେ ପିଲା ଘରକୁ ଫେରିଲା । ମନ୍ତ୍ରୀ ତାକୁ ନିଜ ପୁଅ କୁଆଡେ ଗଲା ବୋଲି ପଚାରିଲେ । ସେ କହିଲା ମାଂସ ଆଣିବା ପାଇଁ ଯାଇଛି । ମନ୍ତ୍ରୀ ଜାଣିଗଲେ ଯେ ତାଙ୍କ ନିଜ ପୁଅର ହିଁ ମରଣ ହୋଇଛି । ମନ୍ତ୍ରୀ ତାପରେ ସେ ପୁଅ କଥା ମନେ ପକାଇ ଭାବିଲେ ଯେ ପର ପାଇଁ ଗାତ **ଖୋଳିବ ସେ ନିଜେ ହିଁ ସେ ଗାତରେ ପଡିବ ।**

□□□

# ସାଲାକି କଲିୟା

ରୋ ନାୟୁତା ଲୋକଜାକା ବାସା କିହିସେରୀ । ଏ ନାୟୁଁତା ଲୋକୁ କୟୁ, ଗୋରି, ମେଣ୍ଢା, ପାଜି, ପାରୱା ଇଟାଞ୍ଜୁ । ରୋ ଦିନା ରୋ କଲିୟା ୱାହାନା ଏ କଷ୍କାଇ ତିଞ୍ଜାଲି ୱାତେ । ଏଲି କେଁ ସବୁଦିନା ୱାହାନା ଏ ନାୟୁତି କଷ୍କାଇ ତିଞ୍ଜା ଲି ଆରମ୍ଭ କିତେ । ଏମ୍ବାଟିଏ ନାୟୁତା ଲୋକୁଜାକା ଚିନ୍ତା କିତେରି ଯେ ଏ କଲିୟାଇ ଏନିକେଁ ପାଇନା । ରୋ ଦିନା ନାୟୁଁତା ସବୁ କଷ୍କାଇ ପାରୁୱାଇଁ ର ମିଲା ଗୁଡାତା ଇଟିତେରି । ଏ ଗୁଡା ସବୁକେରି ଜାଲି ଆଟିକିତେରି । ଅତେ ସବୁ ଜାଣା ଡୁଗାସ୍ତେରି, ଏ କଲିୟାଁ ସବୁଦିନା ୱାହିନେହଲେଏଁ ଏ ଦିନାଜାକା କଷ୍କା, ପାରୁୱା ପଟାଇଁ ତିଞ୍ଜିଲେ ୱାତେ । ତିଞ୍ଜିଲେ ତାକି ଏରା ଆହାନାଟି ୱାହାନା ଜାଲିତା ହେରବି ଆହାତୁତେ ।

ଏମ୍ବାଟେଏ ନାୟୁଁତା ସବୁଜାଣା ଲୋକୁ ୱାହାନା ଏ କଲିୟାଁଇ ଆସାତୁସ୍ତେରି । ଆସାନା ଏ କଲିୟାଁଇ ଆସାନର ପରତି ମାରାତା ଅହାନା ପାଲପୁ ତାଗି ଗାହାତୁତେରି । ଏମ୍ବାଟିଏ ଲୋକୁ ବାବ କିତେରି ନିଏଁଲାଏଁ ଆହାନେ । ଇ କଲିୟାଇ ନିଏଁ ପାୟାପ । ଏ ପରତିମାରା ଜିରୁ ଏ ବେଲେତା ଏଜିରୁ ଆସାନାର ବାଲୁ ହାଜିମାଚେ । ବାଲୁ କଲିୟାଇ ହେଣ୍ଡାନା ବାଲୁ ୱେଚେ ଏ କଲିୟା ! ସହି ନିଙ୍ଗେ ଏମ୍ବାଇ ଇଲିକେଁ ଗାସାଞ୍ଜାନାରି । କଲିୟା ଚାଲାକି କିହାନା ୱେସ୍ତେ ।ଏ ବାଲୁତାଦା ନାଙ୍ଗେ ରାଜା ପଦାଇ ବିହା କିହେଲି ତାକି ନାୟୁତା ଲୋକୁ ଇ ୱେସାନା ରାଜା ନାଙ୍ଗେ ଗାସ୍‌ପିକିୟାଞ୍ଜାନି । ମାତ୍ର ନାଙ୍ଗେ ରାଜା ପଦାଇ ବିହା ଆହିଲି

ମନ ହିଲେଏ । ଏମ୍ବାଟିଏ ବାଲୁ ମନ ମନ ଚିନ୍ତାକିତେ, ର କାମା କିନାଆତେ । ନିଙ୍ଗେ ନାନୁ ତୋରି ପିଟ କିହାଇନିଁ । ଏମ୍ବାଟେଏ ନିନୁ ନାଙ୍ଗେ ଏ ତରିତାଗି ଗାସାତୁତାମ୍ମୁ । କଲିୟା ବାଲୁଇ ପାଲପୁ ତାଗି ଗାସାନା ୱେସ୍ତେ ବାଲୁ ତାଦା ନିଏଁଟିଏ ନିନୁ ରାଜାପଦାଇ ବିହାହାମ୍ମୁ । ବିହାତା ନକେଏଁ ନାଙ୍ଗେ ହାଟାମ୍ମୁ ଇଞ୍ଜେ ୱେସାନା କଲିୟା ହଟା ତୁତେ ।

ଏମ୍ବାଟିଏ ଲାଆସି ୱେଇଲି ତାକିଏ ନାଇଁତାରି ବାଜା ଗଜା ଅହାନା ସବୁ ଜାଣା ଉ ହଟାକେଁ ୱାତେରି । ହେତେନି ବେଲାତାକି କଲିୟା ହିଲେଏ । ଏ କଲିୟା ଏମ୍ବିଆ ହାଚେ ଇଞ୍ଜେ ପାରିତେରି ମାତ୍ର ଏ କଲିୟା ଇ ପାଣାଆଁତେରି ଏମ୍ବାଟିଏ ବାଲୁଇ ହାଏ ୱେଚାତୁସ୍ତେରି । ଏ ତେକେଏ ଗଣ୍ଡାୟୁ ମାଚେ । ଏ ଗାତାୟୁ ବିତରେ କଲିୟା ସବୁକାତା ୱେଞ୍ଜିମାଚେ । କଲିୟା ଗଣ୍ଡାୟୁଟି ହଚାନା ନାୟୁତା ଲୋକୁଇ ୱେସ୍ତେ ଏ ନାୟୁଁତା ତାଇବାଇ କଲିୟା ହାହାଲେଏ । ବାଲୁ ହାହାନେ ୱେସାନା କଲିୟା ଜାତାତା ହାଜାତୁସ୍ତେ ।

□□□

# ଚତୁର ବିଲୁଆ

ଗୋଟିଏ ଗ୍ରାମରେ ବହୁତ ଲୋକ ବାସ କରୁଥିଲେ । ସେହି ଗ୍ରାମରେ ଲୋକମାନେ କିଛି କୁକୁଡା, ଛେଳି, ମେଣ୍ଢା, ଘୁଷୁରି ପାଳନ କରିଥାନ୍ତି । ଥରେ ଗୋଟିଏ ବିଲୁଆ ଆସି କିଛି କୁକୁଡାକୁ ଖାଇଦେଲା । ଏହିପରି ବିଲୁଆ ଆସି ପ୍ରତିଦିନ କୁକୁଡା ଖାଇ ଚାଲିଯାଏ । ଏହା ଦେଖି ଲୋକେ ଚିନ୍ତାକଲେ ବିଲୁଆକୁ କିପରି ମାରିବା । ଦିନେ ସମସ୍ତ ଲୋକଙ୍କ କୁକୁଡାକୁ ଏକାଠି କରି ଗୋଟିଏ ବଡ଼ ଜାଲି ଘୋଡାଇ ରଖିଲେ । ବିଲୁଆ ସବୁଦିନ ପରି କୁକୁଡା ଖାଇବ ବୋଲି ଆସିଲା ଏବଂ ଜାଲରେ ପଡିଗଲା । ବିଲୁଆକୁ ଲୋକମାନେ ଧରି ଗୋଟିଏ ବଟଗଛରେ ବାନ୍ଧି ପକାଇଲେ । ସବୁଲୋକ ପୁଣି ଚିନ୍ତାକଲେ ଯେ ବର୍ତ୍ତମାନ ତ ରାତି ହୋଇଛି ସକାଳୁ ହେଲେ ମାରିବା । ଏହା ଭାବି କିଛି ସମସ୍ତ ସମୟ ପରେ ସେହି ବାଟ ଦେଇ ଗୋଟିଏ ଭାଲୁ ଯାଉଥିଲା । ବିଲୁଆର ଏ ଅବସ୍ଥା ଦେଖି ଭାଲୁ ପଚାରିଲା – ବିଲୁଆ ଭାଇ ଏପରି ଅବସ୍ଥା ତୋତେ କିଏ କରିଛି ? ବିଲୁଆ ଚତୁରତା ସହ କହିଲା ରଜାଙ୍କ ଝିଅ ସହ ମୋର ବିବାହ କରିବା ପାଇଁ ସ୍ଥିର କରି ଲୋକମାନଙ୍କୁ କହି ମୋତେ ଏହି ଗଛରେ ବାନ୍ଧି ଦେଇଛନ୍ତି । କିନ୍ତୁ ରାଜାଙ୍କ ଝିଅ ସହ ବିବାହ କରିବାକୁ ମୋର ଆଦୌ ଇଛା ନାହିଁ । ଏହା ଶୁଣି ଭାଲୁର ଲୋଭ ଜାତ ହେଲା । ଭାଲୁ କହିଲା – ତାହା ହେଲେ ଗୋଟାଏ କାମ କରିବା । ମୁଁ ତୁମର ଦଉଡି ଖୋଲିଦେବି ଏବଂ ସେହି ଦଉଡିରେ ତୁ ମୋତେ ସେହି ଜାଗାରେ ବାନ୍ଧିଦେ । ବିଲୁଆ

ଖୁସି ହୋଇ ଠିକ୍ ସେହିପରି କଲା । ବନ୍ଧା ଯାଇଥିବା ଭାଲୁକୁ ବିଲୁଆ କହିଲା ତୁ ଯଦି ରାଜାଙ୍କ ଝିଅ ସହ ବାହାହେବୁ ତେବେ ମୋତେ ନିଶ୍ଚୟ ଡାକିବୁ । ଏହା କହି ବିଲୁଆ ପାଖରେ ଥିବା ଗାତ ଭିତରେ ଲୁଚିଗଲା ।

ଏହାପରେ ସକାଳୁ ଗ୍ରାମବାସୀମାନେ ବାଜା ବଜାଇ ଖୁସିରେ ନାଚି ନାଚି ଗଛ ପାଖକୁ ଆସିଲେ । ଦେଖିଲେ ଯେ ବିଲୁଆ ଜାଗାରେ ଭାଲୁ ବନ୍ଧା ହୋଇଅଛି । ଏହି ଦେଖି ଗ୍ରାମବାସୀ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ବିଲୁଆକୁ ଖୋଜିବାକୁ ବାହାରିଲେ । କିନ୍ତୁ ବିଲୁଆର ସନ୍ଧାନ ମିଳିଲା ନାହିଁ । ଏହି ସବୁ ଘଟଣା ନିକଟରେ ଥିବା ଗୋଟିଏ ବଡ଼ ଗାତରେ ରହି ବିଲୁଆ ଦେଖୁଥିଲା । ଗ୍ରାମବାସୀମାନେ ବିରକ୍ତ ହୋଇ ଭାଲୁଟିକୁ ମାରି ଗ୍ରାମକୁ ଚାଲିଗଲା ।

ବିଲୁଆ ଗାତ ଭିତରୁ ବାହାରି କହିଲା ହେ ଗ୍ରାମର ଭାଇ ଭଉଣୀମାନେ ଦେଖ ବିଲୁଆ ମରିନାହିଁ । ଭାଲୁ ମରିଛି । ଏହା କହି ବିଲୁଆ ବଣ ଭିତରକୁ ଦୌଡି ପଳାଇଗଲା ।

□□□

# କୁଲିମାର୍କା (କିମ୍ବଦନ୍ତୀ)

କୁଲୁମାର୍କା ପାର୍ବୁ ଦାସାରା ଲେଢ୍‌ଜୁ କିନୁ ।ଏଇ ପାର୍ବୁ ବାର୍ଷାତି ପୁନି ଗୃଷାଆଁ ଜାକେରି ତା ଭୋଗୁହିନୁ । କୁଲିଆଁ, ହପାଆଁ, ନାଗାଆଁ, ଇଲାକି ପୁନି କୁସ୍ତା ତାଡି ତିନୁ । ଜାକେରି ପେନୁକି କୟୁ ତାକିନା ତିଚେଏ ନାୟୁତା । ନମ୍ରି ହୁକା ଆନେ, କଡି, ଗରି ହାଉ ଇଜିଁ ବିଶାସା କିନୁ । ପୁର୍ବାତି ଆକୁଇ ଆବା ଆଁକି ଜାକେରିଆ କାତୁ ୱାଟିନୁ । ସବୁ ଇଜତି ଲୋକୁ ଇଲୁ କାଣ୍ଡା ବହନୁ ଆତେ ହେଳାରା ଶାଳାରା ସାପ କିନୁ । ରି ଦିନା ପାର୍ବୁ ଆନେ । ପାର୍ବୁ ବାସିନିନା, ଦୋହ କିନୁ ଆମ୍ବେ କାମା ହାଲାଉ । ବାସି ଦିନା କାମା କିତେ ଜାକେରି ପେନୁ ଗର୍ବ ଆନେ ଇଞ୍ଜ ବିଶାସ କିନୁ ।

□□□

# ନୂଆଖାଇ

ନୂଆଖାଇ ପର୍ବ ସାଧାରଣତଃ ଦଶହରା ମାସରେ ପାଳନ କରନ୍ତି । ଏହି ପର୍ବରେ ସେହି ବର୍ଷର ଆମଦାନୀ ହୋଇଥିବା ନୂଆ ଫସଲକୁ ଗ୍ରାମଦେବୀଙ୍କୁ ଭୋଗ ଆକାରରେ ଦିଅନ୍ତି । ଧାନ, ସାରୁ, କଦଳୀ ବିଭିନ୍ନ ପରିବା ସବୁ ନୂଆ ଖାଇରେ ଖାଆନ୍ତି । ଗ୍ରାମଦେବୀଙ୍କୁ କୁକୁଡା କିମ୍ବା ଛେଳି ବଳି ନ ଦେଇ ନିଜେ ଖାଇଲେ ଗାଁରେ ଲୋକମାନଙ୍କର ବିଭିନ୍ନ ଅସୁବିଧା ହେବା ସଙ୍ଗେ ସଙ୍ଗେ ପଶୁପକ୍ଷୀଙ୍କ ହାନି ଘଟିପାରେ ବୋଲି ଗ୍ରାମବାସୀଙ୍କ ବିଶ୍ୱାସ ରହିଛି । ଗ୍ରାମର ପୂର୍ବ ପୁରୁଷମାନଙ୍କୁ ଗ୍ରାମ ଦେବାଦେବୀଙ୍କ ଆଗରେ ମଦ ଅର୍ପଣ କରାଯାଏ । ଗ୍ରାମର ସମସ୍ତ ଲୋକ ଘର ଲିପି ଲୁଗାପଟା ସଫା କରି ନୂଆଖାଇ ଦିନ ପିନ୍ଧିବେ । ଏହି ପର୍ବ ଦୁଇଦିନ ପାଳନ କରାଯାଏ । ପର୍ବର ପରଦିନ (ପର୍ବ ସରିଲା ପରେ) ଅର୍ଥାତ୍ ତୃତୀୟ ଦିନ ଗ୍ରାମର ନିଷେଧ ପାଳନ କରାଯାଏ । ଅର୍ଥାତ୍ ଗ୍ରାମବାସୀ କୌଣସି କାମ କରିବାକୁ ଯିବେନାହିଁ । ଯେଉଁ ବ୍ୟକ୍ତି ଯଦି କାମକୁ ବାହାରେ ତେବେ ଗ୍ରାମଦେବୀ ସେହି ବ୍ୟକ୍ତିଙ୍କ ଉପରେ କୁପ୍ରଭାବ ପକାଇବ ବୋଲି ସେମାନଙ୍କର ବିଶ୍ୱାସ ରହିଛି ।

□□□

# ମାପ୍ରୁ ଏନାକିତେଁ ମାହ୍ରା ନେହିଁତାକି

ରାମଚନ୍ଦ୍ରପୁର ଗାତାତା ର ରାଜା ମାଚିଆଁ । ର ଦିନା ରାଜାମନ୍ତ୍ରୀ ବେଟାତାକି ହ୍ଵାଚେରି । ରାଜାତାକି ର ମାହାଁପାଣ୍ଡୁ ମେଡାଆତେ । ଏ ପାଣ୍ଡୁ ରାହାଁତଳେ ଦାତିଆଁ । ଦାଚିନି ବେଲା ତାନା ୱାଞ୍ଜୁ ଦାଚା କତିତିଆଁ । ମନ୍ତ୍ରୀ ହେଣ୍ଡାନା ୱେଷ୍ଟିୟାଁ ଇଦି ନିହି ତାକି ଆତେ । ରାଜା ହିଜାତା ଆହାନା ମଞ୍ଜେଷ୍ଟିୟାଁ ନା ୱେଞ୍ଜୁ ଦାଚାକତିତେଁ ନିଙ୍ଗେ ରାହାକି? ଇଞ୍ଜି ମନ୍ତ୍ରୀଇ କଇଦି ହିଟିତିଆଁ । ର ଦିନା ତଙ୍ଗାଁ ରାଜାଇ ଆସାନା । ଟାକୁରାଣୀ ତା କାତିଲି ୱାହାମାଚେରି । ସରୁ ଗୁରୁ ରାଜାଇ ହେଣ୍ଡାନା ଇୱାଇ ପାନିକି ୱାହେଁ । ଇୱାଇଁ ୱେଞ୍ଜୁ ହିଲେ । ପାଣ୍ଡାତୁଦୁ । ରାଜା ଇଜ ୱାହାନା ମନ୍ତ୍ରୀତଇ ସବୁଁ ୱେଷ୍ଟିଆଁ । ମନ୍ତ୍ରୀ ୱେଷ୍ଟି ଏଦିନା ନିଙ୍ଗେ ୱେଷ୍ଟାବିତେଏଁ । ମାହି ନେହିତାକି ଇଞ୍ଜି । ନିନୁ ନାଙ୍ଗେ କଏଦି କିୟାତି । ନିଞ୍ଜୁ ନିଙ୍ଗେ ପାୟାନା ପିସାତୁଷ୍ଟେରି । ରାଜା ଲାଜା ଆହାନା । ତଲେପିମୁମୁ ତେଲି କିଆନା ମନ୍ତ୍ରୀ ତାଇ କଏଦିଟି ପିସାତୁତିଆଁ ।

□□□

# ଜଗତେ ଯାହାବା ଘଟଇ ପ୍ରାଣିର ହିତ ହୋଇଥାଇ

ଉପଦେଶାତ୍ମକ

ରାମଚନ୍ଦ୍ରପୁର ଗଡରେ ଜଣେ ରାଜା ଥିଲେ । ଗୋଟିଏ ଦିନ ରାଜା ଓ ମନ୍ତ୍ରୀ ଶୀକାର କରିବା ପାଇଁ ଜଙ୍ଗଲକୁ ଗଲେ । ଶୀକାରକୁ ଯିବା ବାଟରେ ରାଜାଙ୍କୁ ଏକ ପାଚିଲା ଆମ୍ବ ମିଳିଲା । ସେହି ଆମ୍ବଟିକୁ ପାଇ ରାଜା ଖୁସିରେ ଆଣିଲେ । ରାଜା ଆମ୍ବ କାଟିବା ବେଳେ ତାଙ୍କର ଆଙ୍ଗୁଠି କଟିଗଲା । ମନ୍ତ୍ରୀ ରାଜାଙ୍କୁ କହିଲେ ଯାହାହେଲା ଆପଣଙ୍କର ଭଲପାଇଁ ହେଲା । ରାଜା ରାଗିଯାଇ ମନ୍ତ୍ରୀଙ୍କୁ କହିଲେ ମୋ ଆଙ୍ଗୁଠି କଟିଗଲେ ତୁମକୁ ଖୁସିଲାଗିଲା କି ? ସଙ୍ଗେ ସଙ୍ଗେ ରାଜା ମନ୍ତ୍ରୀଙ୍କୁ ବନ୍ଦୀ କରିବାକୁ ଆଦେଶ ଦେଲେ । କିଛି ଦିନ ପରେ କିଛି ଚୋର ଆସି ରାଜାଙ୍କୁ ଠାକୁରାଣୀଙ୍କ ପାଖରେ ବଳିଦେବାକୁ ନେଇଗଲେ । ଚୋରଙ୍କ ମୁଖ୍ୟ ରାଜାଙ୍କ କଟା ଆଙ୍ଗୁଠି ଦେଖି କହିଲେ ଏ ରାଜାଙ୍କ ଆଙ୍ଗୁଠି କଟିଯାଇଥିବାରୁ ସେ ବଳିହେବା ପାଇଁ ଯୋଗ୍ୟ ନୁହଁ । ତେଣୁ ତାଙ୍କୁ ଛାଡିଦିଅ । ରାଜା ଘରକୁ ଯାଇ କାରାଗାରରେ ଥିବା ମନ୍ତ୍ରୀଙ୍କୁ ସବୁକଥା କହିଲେ । ମନ୍ତ୍ରୀ ରାଜାଙ୍କୁ କହିଲେ - ମୁଁ ପୂର୍ବରୁ ଆପଣଙ୍କୁ କହିଲି ଯାହା ହେଲା ସମସ୍ତଙ୍କ ଭଲପାଇଁ । ରାଜା ମୁଣ୍ଡ ତଳକୁ କରି ମନ୍ତ୍ରୀଙ୍କୁ ମୁକ୍ତ କରିଦେଲେ ।

□□□

# ସୁଲୁଉ ଗଦ

ର ନାୟୁଁତା ର ଗଦ ମାଚେ । ଇଦି ୱେଇଦିନା ଲାଆସି ମେଇଲି ଜାତାତା ହାଜିସେ । ଅତେ ୱେତା କୁଡ଼ାଁଆନେ ନାୟୁଁତା ୱେଣ୍ଡାନା ୱାଇସେ । ର ଦିନା କତଗିହାରା ତିଇଞ୍ଜି ହରୁଲେଗ ଆଚେ । ୱହି ୱହି ମିଣତଁଲ ଆତେ । ଗଦ ବେଗି ବେଗି ରେଚିନାଟି ୱାରୁତୁ ତିଇ ପେଟ ପାତେ । ଅଣପିତେ ନାଙ୍ଗେ ଇଞ୍ଜୁ ୱାରୁତୁ ତିଞ୍ଜାତୁହାନେ । ଏଦି ଅଣପଣା ଏଦି ସଟା ସଟାକି ତାକିତେ ।

ଗଦ ହେଣ୍ଡାନା ୱାର୍‌ତୁ ରାହାଁ ଆୟାନା ଅଣପିତେ ଇଞ୍ଜୁ ନାଙ୍ଗେ ଗଦତା କତ୍‌ଗି ଉଙ୍ଗା ତିଞ୍ଜିଲି ମେତାହାନେ । ଏହିଁ ଅପାନା ୱାର୍‌ତୁ କାଜାକାଜା ପାଲ୍‌କା ଆଁ କିୟାନା । ଗଦ ତିଞ୍ଜିଲି ନକିତା ୱାତେ । ଗଦ ୱେସ୍ତେ ୱାର୍‌ତୁ ତାଦା ନାଙ୍ଗେ ତିଞ୍ଜାଦି ଗାତକା ମାଣୁମୁ । ନାଁ ଜେହଁତି କତାନା କାଜା ହାପୁ ଦୟାତୁହାଁଇଁ । ନିୟୁତିଚେଁ ହାପୁ ନି ଗୁଡିତା ଡ୍‌କା ହାଣେ । ଡ୍‌କିତେ ନିଙ୍ଗେ ତଞ୍ଜିଲି ଅସୁବିଦା ହାନେ । ନକେ ନିୟୁ ଜେୟଁତି କତେତି ମାନାଁଇ ହାପୁ ରଜାତୁମୁ । ଏମ୍ବାଟି ତିଞ୍ଜାମୁ । ଗଦ ବାହାଁ ଏଞ୍ଜାନା ୱାରତୁ ରାହାଁହାତେ । ଏହାଁ ତାକି ହାପୁରେଜେଲି ଗଦ ଦେହଁଟି କତଣା ମୁମ୍ବୁ ଆଟିସାଟି ଗଦ ର ତାପୁଁ ଦୟାତୁତେ । ଏ ତାପୁତାଇ ୱାରତୁ ହରୁ ୱାଲି ପଟାଟି ଉସାଆଚେ । ଏମ୍ବାଟି ୱାରତୁ କତାତିହାଚେ । ୱାଇଲି ମୁହହାତ ଗଦ ରଦବା ପିଞ୍ଜନା । ତାମିନାୟୁ ଏଚରାତୁତେ । ଗଦ ଉପାୟ ବାହାର କିହିନା ସାମା ବଞ୍ଚଆତେ ।

□□□

# ଚତୁର ଗଧ

ଗୋଟିଏ ଗାଁରେ ଗଧଟିଏ ରହୁଥାଏ । ସେ ପ୍ରତିଦିନ ସକାଳୁ ଚରିବାକୁ ବଣକୁ ଯାଏ ଓ ସନ୍ଧ୍ୟା ନ ହେଉଣୁ ଗାଁକୁ ଫେରେ । ଦିନେ ଗଧ କଅଁଳିଆ କୋମଳ ଘାସ ଖାଇବ ବୋଲି ପାହାଡ ଉପରକୁ ଚାଲିଗଲା ଏବଂ ଫେରୁ ଫେରୁ ସନ୍ଧ୍ୟା ହୋଇଗଲା । ଗଧ ତରତର ହୋଇ ଓହ୍ଲାଇବା ଆରମ୍ଭ କଲାରୁ ଦେଖିଲା ଗଧିଆଟିଏ ତା ଆଡକୁ ଆସୁଛି । ଏଣୁ ସେ ଭାବିଲା ଆଜି ଗଧିଆର ଆହାର ହେବ ନିଶ୍ଚିତ । ଗଧ ଉପାୟ ପାଞ୍ଚି ତା ଆଡକୁ ଛୋଟେଇ ଛୋଟେଇ ଚାଲିଲା । ଗଧକୁ ଦେଖି ଗଧିଆ ମନେ ମନେ ଖୁସି ହୋଇ ଭାବିଲା ଆଜି ଗଧର କୋମଳ ମାଂସ ଖାଇବାକୁ ମିଳିବ । ଏହିପରି ଚିନ୍ତାକରି ଗଧିଆ ବଡ଼ ବଡ଼ ଦାନ୍ତ ଦେଖାଇ ଗଧକୁ ଖାଇବା ପାଇଁ ଆଗେଇ ଆସିଲା । ଗଧ କହିଲା-ଆରେ ଗଧିଆ ଭାଇ କଣ ମୋତେ ଖାଇବ ତାହା ହେଲେ ଟିକେ ରହ । ମୋର ପଛ ଗୋଡରେ ଗୋଟିଏ ବହୁତ ବଡ କଣ୍ଟା ଗଳିଯାଇଛି । ଏଣୁ ମୋତେ ଖାଇଲେ ସେ କଣ୍ଟାଟି ତୁମ ତଣ୍ଟିରେ ଲାଗିଯିବ । ଫଳରେ ତୁମର ବହୁତ ଅସୁବିଧା ହେବ । ପ୍ରଥମେ ମୋ ପଛ ଗୋଡରୁ କଣ୍ଟାଟି ବାହାର କରିଦିଅ, ତାପରେ ମୋତେ ଖାଇବ । ଗଧିଆର ମନକୁ ଗଧର କଥାଟି ପାଇଲା । ଏଣୁ ଗଧିଆ କଣ୍ଟାଟି ବାହାର କରିବା ପାଇଁ ଗଧର ପଛଗୋଡ ପାଖରେ ଯେପରି ମୁହଁଟି ଲଗାଇଛି ଗଧ ଖୁବ୍ ଜୋରରେ ଗୋଇଠାଟିଏ ମାରିଦେଲା । ଗଧିଆ ଗଡି ଗଡି ଯାଇ ପାହାଡ ତଳେ ପଡିଗଲା । ଫଳରେ ତାର ମୁହଁ ଦେହରୁ ରକ୍ତ ବାହାରିଲା । ଗଧ ଡିଆଁ ମାରି ଯାଇ ଗାଁରେ ପହଞ୍ଚିଗଲା । ଗଧଟି ଉପାୟ ପାଞ୍ଚିବାରୁ ସିନା ବଞ୍ଚିଗଲା ।

□□□

# ଟାକୁପାର୍ବୁ

ଆଷାଢ଼ି, ଶ୍ରାବେଣୀ ଲେଞ୍ଜୁତା ଟାକୁପାର୍ବୁ କିନେରି । ଟାକୁ ପାର୍ବୁ ୱିହେ ଇଚେହି ଇଞ୍ଜୁ ଲାଆହାଁ । ବାଜା ଗାଜା ୱେନେରି । ଜାକେରିତା ପେଜଣି ସାକାହା ପିଟ୍ଉଣି ମାଞ୍ଜିହି ଲାଗା ବାଡ୍ତିତା ୱାତି କିହଁନାହା ନିୟୁଁ ୱାଖାନାହା ବାଡ୍ତି ଆଟିକିନୁ । ଜାକେରି ନକିତା ଇଟୁଣା ମାଞ୍ଜିହା ଇଟ୍ନାହା ପଏରି ଆକୁ ମାଞ୍ଜିଲାଗା ଲିଆଁତୁନୁ । ଇନାହା ବାଜା ୱେତେହି ଚପେଜଣି ସାକାହା ହେଚି ଦୁଚାନା ଏନ୍ଦିନୁ । ଏ ୱେୟିତା ଲାଇଲା ମୁକି ଚପେଜଣି ଜାକେରି ତା ହାଁଜାନାହାଁ ପଏରି ଆକୁ ଏଖିନେ । ଏ ମାଞ୍ଜିହା ଏମ୍ବିଗାଇ ସାଗା ମାଚିହି ଏ ହାନ୍ଦିଗାଇ ସାଣ୍ପା ବଖିହାନେରି । ଇ ସାଣ୍ପା ତା ନାୟିତି ଲୋକୁ ନମ୍ବିରି ଦୁକା ଆହା ମାଚେଇଁ । ନାଡେଲି, କୟୁ, ଗରି, ପାଜି, ଆସ୍ପିନୁ । ଆସ୍ପାମାନି ନାଡେଲି, କୟୁ, ଗରି, ପାଜି ସାଣ୍ପା କିନୁ ଜାଗାତା ଅନୁ । ନାୟିତି ସବୁଲୋକୁ କାଙ୍ଗା ଜାଇଫୁଲା ଅଣ୍ଡା ୱାଜାନା ଦନାତା କିନାହା ପୁଲା ୱାଖାନା ସାଣ୍ପାଗାଇ ସବୁଲୋକୁ ହାନୁ । ୱେୟାମାନି ଅଣ୍ଡା ବଗୁ ସାଣପା ଜାଗାତା ୱାକିହିନୁ । ଏମ୍ବାଟିଇ ନାଡେଲି, କୟୁ, ଗରି, ପାଜି ପୂଜା କିୟାନାହା ଏ ନେତୁରି ବୋଗ ଅଣ୍ଡାତା ୱାଖୁନୁ । ଏ ପୂଜା ରାତିସାରି ସବୁଲୋକୁ ପୂଜା ଜାକାତା ସିନିକିୟା ଗୁଟାଏ ନାୟୁତା ୱାୟାତୁନୁ । ପୂଜା ଜାଗା ସିନିକିୟାହାନା ୱାତିହି ପଲେଇଞ୍ଜିହି ନାୟୁତୁ ଲୋକୁ ବିଶାଶା କିନେରି । ନାୟୁତା ୱାହାନା ତିହାଁରା ୱେନେସି ଟାକୁ ଅହଦୁ ଇଞ୍ଜିହି । ଏମ୍ବାଟିଇ ଜାନିଇଜଅଁ ଟାକୁ ଅହନେରି । ଜାନି ଇଜଅଁ ଟାକୁ ଅସ୍ତିସାରି ନାୟୁତି ସବୁଲୋକୁ ଟାକୁ ଅସାନା ଗୁଣ୍ଡା କିହାନା ଏୟୁତା ଉଡ୍ଥାନାହା ତିନେରି । ଇଲିକି କିତିହି ନାୟୁତା ନମ୍ବିରି ଦୁକା ୱାହେଞ୍ଜିହି ନାୟୁତିଲୋକୁ ବିଶାସା କିନେରି । ଇ ପାର୍ବୁ ସବୁ ବର୍ଷା କୁଭିଲୋକୁ କିନେରି ।

□□□

# ଟାଙ୍କୁ (କୋଇଲି) ପର୍ବ

ଆଷାଢ଼ ଓ ଶ୍ରାବଣ ମାସରେ କୋଇଲି ପର୍ବ ପାଳନ କରନ୍ତି । କୋଇଲି ପର୍ବ ପୂର୍ବଦିନ ରାତିରେ ବାଜା ବଜାଇ ହସଖୁସି କରି ନାଚନ୍ତି । ଗ୍ରାମଦେବୀଙ୍କ ନିକଟରେ ବେଜୁଣୀ ଯାଇ ବାଉଁଶରେ ତିଆରି ହୋଇଥିବା ଛୋଟିଆ ଗୁଲିରେ ଚାଉଳ ଦେଇ ତାହା ଉପରେ ଦୀପ ରଖି ପୂଜା କରେ । ଗ୍ରାମଦେବୀଙ୍କ ଆଗରେ ଚାଉଳଟିକେ ରଖି ଶିଆଳି ପତ୍ର ତହିଁ ଉପରେ ଘୋଡେଇ ରଖନ୍ତି । ତାପରେ ବାଜା ବାଜିଲେ ବେଜୁଣି ମାନେ କୁଲା ମୁଣ୍ଡ ଉପରେ ରଖି ନାଚିବେ । ତହିଁ ଆରଦିନ ସକାଳୁ ମୁଖ୍ୟ ବେଜୁଣୀ ଗ୍ରାମଦେବୀଙ୍କ ଠାରେ ଯାଇ ଶିଆଳି ପତ୍ର ବାହାର କରନ୍ତି । ସେହି ଚାଉଳ ଯେଉଁ ଆଡକୁ ଲମ୍ବିଥାଏ ସେହି ଦିଗର ସନ୍ଧିପଟେ (ସାଣ୍ପା) ପୂଜା ବଳାଣି ଦିଅନ୍ତି । ଏହି ପୂଜାରେ (ସାଣ୍ପା) ଗାଁ ଲୋକେ ଜ୍ୱର, ରୋଗ ହୋଇଥିଲେ ନଡିଆ, କୁକୁଡା, ଛେଳି, ଘୁଷୁରୀ ନିଅନ୍ତି । ଧରି ନେଇଥିବା ନଡିଆ, କୁକୁଡା, ଛେଳି, ଘୁଷୁରୀକୁ ପୂଜା କରିଥିବା ସ୍ଥାନରେ ବଳି ଦିଅନ୍ତି । ଗ୍ରାମର ସମସ୍ତ ଲୋକ କାନ୍ଦୁଲ ଡାଲି ଭାତ ରାନ୍ଧି ଟୋଲା (ଦନା) ତିଆରି କରି ସେଥିରେ ପକାଇ ପୂଜା କରିବା ସ୍ଥାନରେ ରଖନ୍ତି । ନେଇଥିବା ଭାତ, ଭୋଗ ପୂଜା (ସାଣ୍ପା) ଜାଗାରେ ପକାନ୍ତି । ତତ୍ପରେ ନଡିଆ, କୁକୁଡା, ଛେଳି, ଘୁଷୁରି ପୂଜା କରାଯିବା ପରେ ଗାଁକୁ ଆଣି ବାଣ୍ଟି ନିଅନ୍ତି । ପୂଜା ସରିଯିବା ପରେ ପଛକୁ ନ ଚାହିଁ ଘରକୁ ଫେରନ୍ତି । ପୂଜା ଆଡକୁ ଚାହିଁଲେ ଅଶୁଭ ବୋଲି ସେମାନଙ୍କର ବିଶ୍ୱାସ ରହିଛି । ଗାଁକୁ ଆସିଲା ପରେ ଦିସାରି କହିବେ ଯେ ଟାଙ୍କୁଆକୁ ଭାଙ୍ଗ ବୋଲି । ପ୍ରଥମେ ଜାନୀ ଘରେ ଟାଙ୍କୁଆ ଭଙ୍ଗାଯିବ । ଟାଙ୍କୁଆ ଭଙ୍ଗା ସରିଲା ପରେ ସମସ୍ତ ଲୋକ ନିଜ ଘରେ ଟାଙ୍କୁଆ ଭାଙ୍ଗି ଗୁଣ୍ଡ କରି ପାଣିରେ ବତରାଇଥାନ୍ତି । ତାପର ଦିନ ସକାଳୁ ଖାଆନ୍ତି । ଏହିପରି କଲେ ଗ୍ରାମରେ କୌଣସି ରୋଗ ହୁଏ ନାହିଁ ବୋଲି ଲୋକଙ୍କ ବିଶ୍ୱାସ ରହିଥିବାରୁ ଉକ୍ତ ପର୍ବ ପ୍ରତିବର୍ଷ ପାଳନ କରାଯାଏ ।

□□□

# କାଡିଆ ବାଣିଆ କାତା

ବେଶି ଦିନା ତେଲେଣି ତି କାତା ର ହରୁ ତା କାଜା ରାଚୁ ମାଚେ । ରାଚୁ ଦରୁ ଡଙ୍ଗରସିଟି, ଏ ରାଚୁ ର କାଜା ପାଉ ତା ତେବା ଆହିମାଚେ । ଏ ହରୁ ତେକେଏଁ ର ନାୟୁଁ ମାଚେ । ଏ ନାୟୁତା କଡିଆ ଈଜି ର ବାଣିଆ ମାଚିଁ । ଏୱାଇଁ ର ଦିନା ବେଟା କିକାଡିଁ । ଇଲାକିଁ ହାଜି ହାଜିଁ ର ସାହିଁ ନିଙ୍ଗିତେ, ଏ ସାହିଁ ହଟି ହଟିଁ, ଏ ରାଚୁ ତେବା ଆହିମାନି ପାଉତା ହାଜାନାଁ ହଡାଡୁକାହାଚେ । ଇ, କାଡିଆ ହାଜାନା ସାହିଁଇଁ ପେରଜି ପେରଜିଁ ଏ ପାଉତା ହାଜିଁ । ପାଉତା ହାଜାନା ହେଟିଁ ଯେ, ପାଉ ବେଶି ଭିଡିରି ମାନେ । ନର ହଡେଲି ରଯ୍ୟେଏ । ଏମ୍ବାଟିଏ ଇୱାଇଁ ଚିନ୍ତା କିତିଁ ଯେ, ଏନିକିତେ ଇ ସାହିଁ ହନେ । ଏୱାଇଁ କି ର ବୁଦ୍ଧି ୱାତେ । ଏଟର ୱେରକା ତାତିଁ, ଗମ୍ବୁ କିତି ହାଣା ପାଉତା ବୟୁଁ ବର୍‌ଟି ହିଡିଁ । ବୟୁଁ ବର୍‌ଟି ହିଲେଏ, ନେସ୍ତେରି ହିହିଲି ଆଡ୍‌ଆନା ଏ କାଜା ରାଚୁ ହତେ । କାଡିଆ ର ସିମିଣି ଆସାମାଚିଁ, ଏ ସିମିଣି ତଲେଁ ରାଚୁଇ ଗାଣ୍ଡ୍ରି ଗାଣ୍ଡ୍ରି କିଁ କାତାଡୁସ୍ତିଁ । ଏମ୍ବାଟି ଏ ନାୟୁଁ ହାଚିଁ । ଏ ନାୟୁଁ କାଡିଆ ହାଜିଲିଏ ରିଆରି ହାହାଚେରି । ନର ହାହାଜିଲେଏ କାଡିଆ ଚିନ୍ତା କିତିଁ ଯେ, ନାନୁ ଇମିନି ନାୟୁଁ ହାଚେଁ ଜାକା ନର ହାନେରି, ଏଦାଆଁ ତାକି ଏୱାଇଁ ର ମାହଆଁ ମାରା ତେଲେଣି ଆପାକା ଗଞ୍ଜାନା ଡୁରିତିଁ । ଏ ଲାଆଁ, ଏ ରାଚୁ ପାଉଡି ପେନୁ ଏୱାଇଁଇଁ ଚିଞ୍ଜିଲି ହାଚେ । ମାତର ଇୱାଇଁ ମନ୍ତ୍ର କିହାନାଁ ଆପ୍‌କାଗଞ୍ଜାନାଁ ଡୁରାମ୍‌ଚିଁ, ଏଦାଆଁ ତାକିଏ ପେନୁ ଏୱାଇଇଁ ଆନାଆ କିହିଲି ଆଡା ଆତେ । ରା ତିନି, ସାରି ଦିନା ଡୁରାନା ନାୟୁତାଁ ହାଚିଁ । ଏମ୍ବାଟିଏ ଏ ନାୟୁଁ ଏମ୍ବେଏ ହାଆତେରି, ଏ ଦିନାଟିଏ ଏୱାଇଁ ଜାତାଜନ୍ତୁ ବେଟା କିହିଲି ପିସାସ୍ତିଁ । ହାଣା ଚାଷା କିହାନା ତିଚିଁ ।

□□□

# କାଡିଆ ବାଣୁଆ କଥା

ଲୋକକଥା - ୩

ବହୁତ ଦିନ ତଳର କଥା । ଗୋଟିଏ ପର୍ବତରେ ବିରାଟ ବଡ ସାପ ଥିଲା । ସେ ସାପର ନାମ ଡଙ୍ଗରସିଟି । ସେହି ସାପଟି ଗୋଟିଏ ବଡ଼ ଗୁମ୍ଫାରେ ରହୁଥିଲା । ଏହି ପାହାଡ ପାଖରେ ଗୋଟିଏ ଗାଁ ଥିଲା । ସେହି ଗାଁରେ କାଡିଆ ନାମକ ଜଣେ ବାଣୁଆ ରହୁଥିଲା । ଦିନେ ସେ ଜଙ୍ଗଲକୁ ଶୀକାର କରିବା ପାଇଁ ଗଲା । ଏମିତି ଯାଉ ଯାଉ ସେ ଗୋଟିଏ ଝିଙ୍କକୁ ଦେଖିଲା । ସେ ଝିଙ୍କ ପଛରେ ଗୋଡାଇ ଯାଉ ଯାଉ ଝିଙ୍କଟି ଗୋଟିଏ ଗୁମ୍ଫା ଭିତରେ ପଶିଗଲା । କାଡିଆ ମଧ୍ୟ ଗୁମ୍ଫା ଭିତରକୁ ଗଲା । ସେ ଯାଉ ଯାଉ ଦେଖିଲା ଯେ ଗୁମ୍ଫାଟି ବହୁତ ବଡ଼ । ଏଣୁ ସେ ଚିନ୍ତା କଲା ଯେ ଗୁମ୍ଫା ମୁହଁରେ ଧୂଆଁ ଦେଲେ ଝିଙ୍କଟି ବାହାରକୁ ଆସିବ । କାଡିଆ ଆସି ଧୂଆଁ ଦେଲା । ଧୂଆଁ ଦେବା ଫଳରେ ସେ ଗୁମ୍ଫାରୁ ଗୋଟିଏ ବିରାଟ ବଡ଼ ସାପ ବାହାରି ଆସିଲା । ସେହି ସାପକୁ କାଡିଆ ତାର ବର୍ଛା ସାହାଯ୍ୟରେ ଖଣ୍ଡ ଖଣ୍ଡ କରି ଦେଲା । ଏହାପରେ ସେ ଗୋଟିଏ ନୂଆଁ ଗାଁକୁ ଗଲା । କାରଣ ସେ ସାପ ମାରିଲା ପରେ ଯେଉଁ ଗାଁ ଯିବ ସେ ଗାଁର ଲୋକଙ୍କ ମଧ୍ୟରୁ କେତେଜଣ ମରିବେ । ଏହିପରି ସେମାନଙ୍କର ବିଶ୍ୱାସ ଥାଏ । ଏଣୁ ସେ ଆଉ କେଉଁ ଗାଁକୁ ନ ଯାଇ ସେ ଗାଁର ମୁଣ୍ଡରେ ଥିବା ଆମ୍ବ ଗଛ ମୂଳରେ ତାର ତୀରକୁ ଗୃରିପଟେ ରଖି ବନ୍ଧନ କରି ଶୋଇଲା । ସେ ତୀର ଉପରେ ଶୋଇବା ସମୟରେ ଗୋଟିଏ ଭୂତ/ଦେବତା ଆସି ତାକୁ କିଛି ମନ୍ତ୍ର କହି ଜନ୍ତୁ ଶୀକାର ଛାଡିଦେ ବୋଲି କହିଲେ । ସେଦିନ ଠାରୁ ସେ ଜନ୍ତୁ ଶୀକାର ଛାଡି ଦେଇ ଗୃଷ କାମ କରି ଜୀବିକା ନିର୍ବାହ କଲା ।

□□□

# ନକେତି କାତା

ବେଶୀ ବର୍ଷା ତି କାତା । ଏବେଲା ତା ବେଶି ଜାତା ମାଚେ । ଇ ରାୟଗଡା ଟାଉନ ବା ନେଏଁ ହେଣ୍ଡିସନି ଜିନିଷ ଆନାଦି ହିଲାଆତେ । ସେରିଗୁଡା ଅତେ ବାରିଖୋଲା ନାସ୍କା ଜାକା ହିଲା ଆତୁ । ଏ ବେଲାତା ହାରଁ ନର ହିଲାଆ ତେରି । କୁଖିଁଜାକା ହାରଁ ଜାଣା ହିଲାଆତେରି । ଏ ସମୟତା ବାରିଖୋଲା ହରୁଟି ର ନାତା ହଚିମତେ । ଏ ନାତା ଲେଗଟି ହାଲ୍‌ବି ୱେତେ । ଏବେଲା ନର ହାରାକା ଭୂମିବାତା କିହା ହିଲଆତେରି । ଇଲାକିଁ ଏଚର ବାର୍ଗା ହାଚେ । ଜାତା ୱିର୍‌ଗାହାଚେ । ନର ହାରଁ ଜାଣା ଆତେରି ଇକାଟି, ଏକାଟି ନର ୱାତେରି ହାଣା ନକେଏ ମାଚାରି ତାଣାଟି ଭୂମି ମିଞ୍ଜିତେରି, ଭୂମିବାତା ମିଞ୍ଜାଲିଏ ନକେଏ ମାଚାରି କପା ଆତେରି । ହାଣା ହଚିମିଚି ନାତାଆଁ ୱାଲି ସୁଣ୍ଡାସ୍ତେରି ହାଣା ନାତାଆଁ ଭୂମି ଭିତିରି ମାତାସ୍ତେରି । ଏମ୍ବାଟିଏ ଏ ନାତା ମାଝିଗୌରୀ ତେଲେଣି କିଆଖୋଲା ତେକେ ଏ ହକାତେ । ଏ ନାତା ଆତେ ବାରିଖୋଲା ତି କାଜା ହ୍‌ରୁଟି ନାତା । ଏଦାଆଁ ତାକି ଇ ସେରିଗୁଡା ବାରିଖୋଲା ତି ଭୂମି ଇଚାକା ବାଇଲି ଭୂମି । ନକେତାରି ତାଗି କାତା ଭୂମିକା ହଟେ ହାଣା ନେଏ ଇମ୍ବାଆଁ କାରାମାସା ଆତେଁ ଏୟୁ ୱାୟାହାଜିମାନୁ, ନକେତି କାତା ମାଚେଁ, ଏଚେଁ ଏୟୁ ୱାୟାଆତୁମା । ଏୱାରିଇଁ ତାହାରା ଆହାନା ଭୂମି ବାତା ମିଞ୍ଜାଲିଏ ଏୱାରି ତାହାରା ଆହାନା ଏୟୁ ୱାଇକିତେରି । ଆଆତେ ମାଁ ନେଏଁ ନିହିଁକି ମାଣିମ୍ବିତାବିମା । ଇଲାକିଁ ନର ରୁଣ୍ଡୋ ଆହିଁ ଆହିଁ ତେକେ ତେକେ ଏଁ ନାସ୍କା ଆତୁ । ବାଣ୍ଡି ଲାଇନ୍ ଆତେ । ଟାଉନ ଆତେ । ହାଣା ସବେଏ ବାଦୁଲୁ ଆତେ । ନିଏଁ ଇ ବାରିଖୋଲା ସାରିବାତି କାଜାକାଜା ଇସ୍କୁଲ୍, କଲେଜୁ ମାନୁ ।

□□□

# ଆଗ କାଳର କଥା

ବେଶି ବର୍ଷ ତଳର କଥା । ସେହି ସମୟରେ ବେଶୀ ଜଙ୍ଗଲ କଥା । ଏ ରାୟଗଡା ସହରରେ ଯାହା ଜିନିଷ ଦେଖାଯାଉଛି ତାହା ଆଦୌ ନ ଥିଲା । ଶିରିଗୁଡା ଓ ବାରିଖୋଲା ଗାଁ ମଧ୍ୟ ନଥିଲା । ସେ ସମୟରେ ବେଶୀ ଲୋକ ନଥିଲେ । କୁଭି ଭାଷା ସଂପ୍ରଦାୟର ଲୋକ ସଂଖ୍ୟା ମଧ୍ୟ ନଥିଲେ । ସେହି ସମୟରେ ବାରିଖୋଲା ପାହାଡରୁ ଗୋଟିଏ ଝରଣା ବାହାରିଥିଲା । ସେ ଝରଣାଟି ପାହାଡ ଶିଖରୁ ବାହାରିଥିଲା । ସେ ସମୟରେ ଲୋକମାନେ ବେଶୀ ଭୂମିରେ ଗୃଷବାସ କରୁଥିଲେ । ଏମିତି କେତେ ବର୍ଷ ବିତିଗଲା । ଜଙ୍ଗଲ ନଷ୍ଟ ହୋଇଗଲା । ଲୋକମାନେ ବେଶୀଜଣ ହେଲେ । ଅନ୍ୟ ଜିଲ୍ଲା/ଉପକୂଳବର୍ତ୍ତୀ ଜିଲ୍ଲାର ଲୋକମାନେ ଆସି କନ୍ଧ ଲୋକଙ୍କର ଜମିକୁ ଅଧିକାର କରିନେଲେ । ଫଳରେ କନ୍ଧମାନେ ମନ ଦୁଃଖ କଲେ । ଏଣୁ ବାହାରୁ ଥିବା ଝରଣାକୁ ପଥର ସହିତ ବନ୍ଦ କରିଦେଲେ । ଯାହା ଫଳରେ କି ଝରଣାଟି ଭୂମି ତଳକୁ ଗ୍ଳିଯାଇଥିଲା । ତେଣୁ କରି ଝରଣାଟି ବନ୍ଦ ହୋଇଯାଇ ମାଝିଗୌରୀମାଁଙ୍କ ପଛପଟେ ବାହାରିଲା । ସେହି ଝରଣା ହେଉଛି ବାରିଖୋଲା ବଡ଼ ପାହାଡରୁ ବାହାରିଥିବା ଝରଣା । ଏଣୁ କରି ଶିରିଗୁଡା ଓ ବାରିଖୋଲାର ଜମି ସବୁ ସେହିଦିନ ଠାରୁ ବାଲିଆ ହୋଇଗଲା । ଆଗକାଳର ଝରମାଟି/ ନଦୀଟି ଭୂମିତଳେ ପଶିଯିବାରୁ ଗ୍ରୀଷ୍ମ ଋତୁରେ ବର୍ତ୍ତମାନ ପାଣିର ଅସୁବିଧା ହେଉଛି । ଆଗର ନଦୀ ଯଦି ଥାଆନ୍ତା ତେବେ ପାଣିର ଅସୁବିଧା ହୁଅନ୍ତା ନାହିଁ । ଚାଲାକ୍ ଓ ଶିକ୍ଷିତ ଲୋକମାନେ ଆସି ବାରିଖୋଲା ଲୋକଙ୍କର ଜମିକୁ ଛଡାଇ ନେଇଥିବାରୁ କନ୍ଧ ସଂପ୍ରାଦାୟର ଲୋକମାନେ ରାଗିଯାଇ ପାଣିକୁ ଶୁଖାଇ ଦେଇଥିଲେ । ନଚେତ ଆଜିକାଲି ଆମ୍ଭେମାନେ ଭଲରେ ଥାନ୍ତୁ । ଏମିତି ଲୋକମାନେ ଏକତ୍ରିତ ହୋଇ ଗାଁ ବଢିବାରେ ଲାଗିଲା । ସହରରେ ଟ୍ରେନ୍ ଲାଇନ୍, ରାସ୍ତାଘାଟ, ଘରଦ୍ୱାର ହେବାରୁ ପରିବର୍ତ୍ତନ ଆସିଲା । ବର୍ତ୍ତମାନ ଏହି ବାରିଖୋଲା ଗ୍ରିପଟେ ବଡ଼ ବଡ଼ ସ୍କୁଲ, କଲେଜ, ମାତୃବିହାର ଇତ୍ୟାଦି ଅଛି ।

□□□

# ଯାଦୁ/ଗାରଡି ମୁଦି

ର ଦେଶତା ର ରାଜା ମାଚିଁ । ତାଙ୍ଗେ ପାସ୍‌ଗୋଟା ପଦାଁ ମାଚୁଁ । ର ଦିନା ରାଜା ପାସ୍‌ଜଣା ପଦାଇଁ ବୁଦିପରୀକ୍ଷା କିଏଲି ରାଜା ହାଚିଚିଁ । ରାଜା ହେଣ୍ଡିଲି ଆଡିତିଁ ଯେ କାଜା ପଦାକି ସବୁତାକି ବେଶୀ ବୁଦି ମାଚେ । ମାତର ରାଜା କାଜା ପଦା ବେଶୀ ସାଲାକି ମାଚାକି ଇ ପଦାଇ ପିସାନା ଅତେ ସାରି ଜାଣା ପଦାଇଁ ନେହିଁ ନେହିଁ ହନିଇଁ ବିହା କିତିଁ । ରାଜା ମନ୍ତ୍ରୀଇ ୱେସ୍ତିଜେ ଇ କାଜା ପଦାଇ ର ଗରିବ ଡଲାତାଲେଁ ବିହା କିହା ତିମୁ । ମନ୍ତ୍ରୀର ଗରିବ ଡଲାଇ ପାରି ପାରି ଇଅଣାଲାଗି ବିହା କିହାନା ରାଜା ଇଲୁ ଜିଅଁଟି ର ମିଲା ଇଲୁତା ଇଟା ତୁଡିଁ, ଏ ରାଜା ମାଙ୍ଗା ସବୁବେଲା ମନଦୁଃଖ ତା ତେବା ଆତେ । ମାତର ଏନା କିନେ?

ଏ ଦିନା ରାଜା ସାରିଜାଣା ହନି ଇଁ ହାଟିଡିଇଁ, ହାଟାନା ୱେଣ୍ଡି । ମିରୁ ସବୁ ଲୋକୁ ଜାଡାତା ହାଜାନା ବେଟା କିଆନା ୱାଦୁ । ମାତର କାଜା ହନିଏଁ ଅନାଇ ୱେସିଲି ଆହାଲାଆତେ । ମାତର କାଜା ପଦା ଅତେ ସାରି ଲୋକୁ ହନିଅଁ ୱେସ୍ତେଜେ ମିରୁ ମି କାଜା ସାଗାଲା ଜାକା ମିଦାଆ ତାଗି ଜାଡାତା ବେଟା ତାକି ଅଦୁ । ମାତର କାଜା ସାଗାଲାଇ ଏୱାରି ଅଆତେରି । ମାତର କାଜା ସାଗାଲାଜାକା ଏୱାରି ଜାଡାତା ହାଜେଲି ତା କିଏ କାଜା ସାଗାଲାଜା କା ହାଚିଁ । କାଜା ସାଗାଲାତେକେ ଏଁ ର ମୁଦି ମାଚେ । ଏ ମୁଦି ତାକି ଇଂଜେ ଆ ଆ ଜିନିଷ ଜାକା କିହେଲି ଆଡିଁ ୱେଡିଁ । ଏୱାଇଁ ଜାଡାତା ହେଟି ଯେଁ ଇୱାରିର ଶାସ୍ତ୍ରୀ ହିଏଲି ସୁବିଧା ମାଞ୍ଜାନେ କାଜା ହନିଇଁ ଯାଦୁ ମୁଦି ତାଗି ଜାଡାତା ସବୁ ଜନ୍ତୁଇ

ପାକାତା ହାଟିତିଇଁ । ଅତେ ଜାତାତା ଜନ୍ତୁ ତେବା ଆ ଆତୁଦେ । ମାତର ଏ ସାରିଜାଣା ହନି ଏ ନାଆଁ ବେଟା ପାତାଆନା ମନ ଦୁଃକକିଆନା କାଜା ସାଗାଲାଇ ରାସ୍ତା ତା ହେଟାରି । ସାଗଲାଂଇ ମେସନା କାକୃତି ଆହାନା ୱେସ୍ତାରି ଯେ ମାଙ୍ଗେ ଇଚିକି ଜନ୍ତୁ ହି ଆମୁ । ଯଦି ଜନ୍ତୁ ଆସାନା ରାଜା ତାଣା ହାଲା ଆତେଁ ମାମ୍ବିଲାଜା ପାନମି । କାଜା ସାଗାନା ୱେସ୍ତିଇଁ ନାନୁ ମିଙ୍ଗ ରର ଜନ୍ତୁ ହି ହାଇଁନି । ମାତର ର ନିୟମୁ ତାଗି । ଏ ନିୟମୁ ଆହିନେ ନା ତାଣାର ମୁଦି ମାଞ୍ଜାନେ । ଏ ମୁଦି ଇ ଗରମ କିହାନା ମି ଜେନୁ ତା ଆଟି କିଆଏନି । ଏୱାରି ଚିନ୍ତା କିତାରି ଯେ ଆନି ଆତେ ଆପା ମାଙ୍ଗେ ର ର ଜନ୍ତୁ ମେତା ହାନେ । ଇ ନିୟମ ଇ ସବୁ ଜାଣା ରାଜି ଆତେରି । କାଜା ସାଗାଲା ସବୁ ଲୋକୁଇ ଗରମ ମୁଦି ଜେନୁତା ଆଟିକିତିଁ । ଏମ୍ବାଟିଏ ସାରିଜାଣା ସାଗାଲା ଜେନୁତା ସିନ୍ ତେବା ଆତେ । ଏମ୍ବାଟିଏ ର ରହିଁ ରାଜା ତାଣା ଜନ୍ତୁ ଆସାନା ହାଚେରି । ହାମ୍ବାଟିଏ ରାଜାଇ କାବୁ ଇହି ଆତେ ଯେ ସବୁ ଜାଣା ହନିଇଁ ବେଟା କି ଆନା ର ର ଜନ୍ତୁ ତେଟା ନେରି । ମାତର ରାଜା ୱାହିଲି ତାକି ଏନି ଜନ୍ତୁ ହିଲାତେ । ଏ ବେଲା ତା କାଜା ସାଗାଲା ଯାଦୁମୁଦି ତାଗି ସାଗାଲାଁ ତାଗୁନି ଜନ୍ତୁଇଁ ତୁକ୍ଆ ସାଆନୀ । ରାଜା ହିଜାତା ଆହାନା ୱେସ୍ତିଁଜେ ମିରୁ ଏନା ଆ ସୁପୁତ୍ଆ ପୁଟାଏ ଏନାତାକି ନାଙ୍ଗେ ହାଟି ତେତେରି । ମାତର ହନେଏଁ କ । ୱେସ୍ତେରି ମାମ୍ବି ଜନ୍ତୁ ତାଗ୍ବ ଚମ୍ବି ଏ ଜନ୍ତୁ ଏମ୍ବାଇ ମା ଅହସାନି । ଠିକ୍ ଏ ବେଲା ତା କାଜା ହନିଁ ୱାହାନା ତା ବେଟାଇ ତୋସ୍ତିଇଁ । ଅତେ ୱେସ୍ତିଜେଁ ଏ ବେଟା ଏୱାରି କିହାଲା ଆତେରି । ଏବେଟା ନାନୁ କିହାଚନୁ । ରାଜା ୱେଚିଁ ଯେ ଏନି କି କିହାଁଚି ଏୱାରିଇ ହାଟିକିମୁ ନାନୁ ୱେହିନି । ଏ ବେଲାତ ସାରି

ଜାଣା ସାଗାଲା ୱାଡେରି । ଏ ବେଲା ତା କାଜା ସାଗାଲା ୱେସ୍ତିଜେ ମି ଡେଜନୁ ଏରିକିହା କତାଦୁ । ଏୱାରି ଜେନୁ ତସ୍ତାରି କାଜା ସାଗାଲା ରାଜାଇ ୱେସ୍ତିଜେ, ମହାରାଜା ଇୱାରିଇ ନାନୁ ଜେନୁ ତା ଇ ମୁଦି ଡାଗି ସିନ୍ କାହାଚାନୁ, ସିନ କିହାନା ଇ ଜନ୍ତୁ ହିହାଚନୁ, ଇୱାରି ସବୁଜାଣା ରାଜି ଆହାଁ ଚେରି, ରାଜା କାଜା ସାଗାଲାଇ ବେଶୀ ରାହାଁଆହାନା ଦେଶତି ରାଜା କିହାତୁତିଁ, ଅଡେ ସାରିଜଣ ସାଗାଲାଇ ଏଦେଶତି ୱେଚା ତୁତିଁ, ସବେ ତା କିଏ କାଜା ହନିଁ କାଜା ପଦା ଦେଶ ମିତା ରାଜାରାଣୀ ଆହାନା ଡେବାଆତୁ । ଇମ୍ବାଟିଏ ମାରୁ ପୁଞ୍ଜିଲି ଆଡିତାୟିୟେ ଏମ୍ବେରି ଯାକା ଅହଂକାର କି ଆପା ।

□□□

# କୁହୁକ ମୁଦ୍ରିକା

ଉପଦେଶାତ୍ମକ-୩

ଗୋଟିଏ ରାଜ୍ୟରେ ଜଣେ ରାଜା ଥିଲେ । ତାଙ୍କର ୫ ଝିଅ ଥିଲେ । ଦିନି ରାଜା ଝିଅମାନଙ୍କର ବୁଦ୍ଧି ପରୀକ୍ଷା କରିବା ପାଇଁ ଡାକିଲେ । ରାଜା ଦେଖିଲେ ଯେ ବଡ଼ ଝିଅର ବୁଦ୍ଧି ସବୁଠାରୁ ଅଧିକ। ତେଣୁ ରାଜା ବଡ ଝିଅଟି ଭାରି ଚତୁର ଦେଖି ତାକୁ ଛାଡି ଦେଇ ଅନ୍ୟ ଚାରି ଝିଅକୁ ଭଲ ଭଲ ଜ୍ୱାଇଁ ମାନଙ୍କୁ ବିଭା ଦେଲେ । ରାଜା ମନ୍ତ୍ରୀଙ୍କୁ କହି ବଡ଼ ଝିଅ ପାଇଁ ଗୋଟିଏ ଗରିବ ପିଲାଙ୍କୁ ଆଣି ବିଭା କରି ରାଜ ଉଆଁସର ପଛ ପଟେ ଗୋଟିଏ ଛୋଟ ଘରେ ରଖିଲେ । ବଡ ରାଜକୁମାରୀ ସବୁବେଳେ ମନ ଦୁଃଖରେ ଥାଏ । ହେଲେ କଣ କରିବ?

ଦିନେ ରାଜା ଚାରି ଜ୍ୱାଇଁଙ୍କୁ ଡାକି କହିଲେ ଜ୍ୱାଇଁମାନେ ତୁମେ କାଲିକୁ ସମସ୍ତେ ଜଙ୍ଗଲକୁ ଯାଇ କିଛି ଶିକାର କରି ଆସ । କିନ୍ତୁ ବଡ଼ ଜ୍ୱାଇଁଙ୍କୁ ରାଜା କିଛି କହିଲେ ନାହିଁ । ମାତ୍ର ବଡ଼ ଝିଅ ବଡ଼ ଜ୍ୱାଇଁକୁ ସାଙ୍ଗରେ ଶିକାର ପାଇଁ ସାଙ୍ଗରେ ନେବାକୁ ଅନ୍ୟ ଜ୍ୱାଇଁଙ୍କୁ କହିଲେ। କିନ୍ତୁ ସେମାନେ ଯ୍ୟାଙ୍କୁ ନିମ୍ନ ମନେ କରି/ଘୃଣାକରି ସାଙ୍ଗରେ ନେଲେ ନାହିଁ । ହେଲେ କଣ ହେଲା, ବଡ଼ ଜ୍ୱାଇଁ ସେମାନଙ୍କ ପଛରେ ଜଙ୍ଗଲକୁ ଗଲା । ବଡ଼ ଜ୍ୱାଇଁ ପାଖରେ ଗୋଟିଏ ମୁଦ୍ରିକା ଥିଲା । ସେହି ମୁଦ୍ରିକା ବଳରେ ସେ ଅସାଧ୍ୟକୁ ସାଧ୍ୟ କରିପାରୁଥିଲେ । ସେ ଜଙ୍ଗଲରେ ଦେଖିଲା ଯେ ଏମାନଙ୍କୁ ପାନେ ଦେବା ପାଇଁ ଏହା ସୁବର୍ଣ୍ଣ ସୁଯୋଗ । ବଡ଼ ଜ୍ୱାଇଁ ସେହି କୁହୁକ ମୁଦ୍ରିକା ବଳରେ ଜଙ୍ଗଲର ସମସ୍ତ ଜୀବଜନ୍ତୁଙ୍କୁ ନିଜ ପାଖକୁ ଡାକି ଆଣିଲା । ଅନ୍ୟ ଚାରି ଜଣ ଜ୍ୱାଇଁ କିଛି ହେଲେ ଶିକାର ନ ପାଇ ମନ ଦୁଃଖରେ ଫେରିବା ରାସ୍ତାରେ ଦେଖିଲେ ଯେ ବଡ଼ ଜ୍ୱାଇଁ ସେଠାରେ ଅଛନ୍ତି ଏବଂ ଜଙ୍ଗଲର ସମସ୍ତ ଜୀବଜନ୍ତୁ ସେଠାରେ

ଅଛନ୍ତି । ଏମାନେ ସେଠାକୁ ଯାଇ ତାଙ୍କୁ କାକୁତି ମିନତି ହୋଇ କହିଲେ ଯେ ଆମକୁ କିଛି ଜୀବ ଦିଅ ନଚେତ୍ ରାଜା ଆମକୁ ଅପମାନିତ ଓ ଲଜ୍ଜିତ କରିବେ । ବଡ଼ ଜ୍ୱାଇଁ କହିଲା ମୁଁ ତୁମ ସମସ୍ତଙ୍କୁ ଗୋଟିଏ ଗୋଟିଏ ଶିକାର ଦେବି କିନ୍ତୁ ଗୋଟେ ସର୍ତ୍ତରେ । କଣ ସେ ସର୍ତ୍ତଟିଲ ? ମୋ ପାଖରେ ଗୋଟେ ମୁଦ୍ରିକା ଅଛି ତାକୁ ମୁଁ ଗରମ କରି ତୁମ ମାନଙ୍କୁ ପିଠିରେ ଲଗାଇବି । ସେମାନେ ଭାବିଲେ ଯେ ଯାହା ହେଲେ ହେଉ ସିନା ଆମେ ଗୋଟେ ଗୋଟେ ଶିକାର ନେଇଯିବା ତ ଏଣୁ ସମସ୍ତେ ରାଜି ହୋଇ ଗଲେ । ବଡ଼ ଜ୍ୱାଇଁ ସେ ଭଳି କଲା । ସମସ୍ତଙ୍କ ପିଠିରେ ଗରମ ମୁଦ୍ରିକାର ଚିହ୍ନ ଲଗାଇଲେ । ସମସ୍ତଙ୍କ ପିଠିରେ ଗୋଟିଏ ଗୋଟିଏ ମୁଦ୍ରିକା ଚିହ୍ନଥାଏ । ତାପରେ ଯିଏ ଯାହାର ଶିକାର ନେଇ ରାଜାଙ୍କ ପାଖକୁ ଗଲେ । ରାଜାଙ୍କୁ ଖବର ଦିଆଗଲା ଯେ ଜ୍ୱାଇଁମାନେ ଶିକାର ଧରି ଆସିଲେ । ରାଜା ଆସି ଦେଖିଲା ବେଳକୁ ସେଠାରେ କିଛି ନାହିଁ । ସେତିକି ବେଳେ ବଡ଼ ଜ୍ୱାଇଁ ନିଜକୁ କିଛି କମ ନୁହଁ ବୋଲି ପ୍ରମାଣିତ କରିବା ପାଇଁ ସେ କୁହୁକ ମୁଦ୍ରିକା ବଳରେ ସମସ୍ତଙ୍କର ଶିକାରକୁ ଲୁଚାଇ ଦେଇଛି ରାଜା ରାଗିଯାଇ କହିଲେ ତୁମେ କିଛି ନ ଆଣି ମୋତେ ପୁଣି ଡ଼ାକି ଏଠାକୁ ଆଣିଲ କାହିଁକି ? କିନ୍ତୁ ଜ୍ୱାଇଁମାନେ କହିଲେ ନାହିଁ ଆମେ ଆଣିଥିଲୁ କିନ୍ତୁ ଏଠାରୁ କିଏ ନେଇଯାଇଥିବ । ଠିକ୍ ସେତିକି ବେଳେ ବଡ଼ ଜ୍ୱାଇଁ ଆସି ପହଞ୍ଚିଲେ ଏବଂ ତାଙ୍କର ଶିକାର ଦେଖାଇଲେ । ଏବଂ କହିଲେ ଯେ ସେହି ଶିକାର ମଧ୍ୟ ସେମାନେ କରିନଥିଲେ । ସେହି ଶିକାର ସବୁ ମୋର ଥିଲା  ରାଜା ପଚାରିଲେ କିପରି ? ବଡ ଜ୍ୱାଇଁ କହିଲେ ସେମାନଙ୍କୁ ଡାକନ୍ତୁ ମୁଁ କହିବି । ଯେତେବେଳେ ଚାରି ଜଣ ଯାକ ଆସିଲେ, ସେତିକି ବେଳେ ବଡ ଜ୍ୱାଇଁ କହିଲେ ଯେ ଦେଖନ୍ତୁ ମାହାରାଜ ଏମାନଙ୍କୁ ମୁଁ ପିଠିରେ ମୁଦ୍ରିକା ଦ୍ୱାରା ଚିହ୍ନିତ କରି ଏହି ଶିକାରକୁ ଦେଇଥିଲି । ସେମାନେ ସମସ୍ତେ ଏହି କଥା ମାନିଗଲେ । ରାଜା ବଡ଼ ଜ୍ୱାଇଁ ଉପରେ ବହୁତ ଖୁସି ହୋଇ ତାଙ୍କୁ

ରାଜ୍ୟର ଭାର ତାଙ୍କ ହାତରେ ଦେଇଦେଲେ । ଏବଂ ଅନ୍ୟ ଗୃହିଜଣଙ୍କୁ ନିଜ ନିଜ ରାଜ୍ୟକୁ ଘଉଡାଇ ଦେଲେ । ବଡ଼ ଝିଅ ଜ୍ୱାଇଁ ରାଜ୍ୟର ରାଜା ରାଣୀ ହୋଇ ରହିଲେ । ଏଥିରୁ ଆମେ ଶିକ୍ଷା ପାଇଲେ ଯେ ଅନ୍ୟମାନଙ୍କୁ ଆମେ କେବେ ଛୋଟ ମଣିବା ଉଚିତ ନୁହଁ ।

□□□

# କିମ୍ବଦନ୍ତୀ

ରାୟଗଡା ଜିଲ୍ଲା ବ୍ଲକ୍ କୋଲନରା, ଭୋଇମତା ପଞ୍ଚାୟତ ତା ର ନାୟୁମାନେ, ଏ ନାୟୁଦରୁ ଆର୍ଗୁଶଲା ନାୟୁଁ ରେଗଏଁ ର କାଜା ହରୁମାନେ । ହରୁତେଲେଣି କାଜା ହୁଆମାନେ । ପୁର୍ବା ତିଆକୁ ଆବା ଦିନାଟିଇ ଇ ଦୁଆତି ଏୟୁ ଓଷାତାକି ପାଡାନୁ ଇଞ୍ଜି କାତାମାନେ, ରୋଗା ମାଗାତି ଅତେ ହେକ ହେକତି ନର ନମ୍ବେରି ଦୁକା ଓ ରୋଗ ଆତି ଏମ୍ବାତି ଏୟୁତାକି ହାନୁ । ଏମ୍ବାତି ଏୟୁତାଚାନା ନମ୍ବାରି ଲୋକୁଇ ଦିସ୍ତ୍ରି ରୋଗ ନେହିଁ ଆନେ । କାତାମାନେ ଯେ, ଏୟୁତାକା ହାଜାନାଟି, ଏ ହୁଆତି ଏୟୁ ଗଣାଆତି ରୋଗ ନେହିଁ ଆଏ । ଏୟୁ ଅତାମାନେ ଇଚେ ରୋଗ ନେହିଁ ଆନେ ।

## ଓଡିଆ ଅନୁବାଦ

ରାୟଗଡା ଜିଲ୍ଲାର କୋଲନରା ବ୍ଲକ୍ ଭୋଇମତା ଗ୍ରାମ ପଞ୍ଚାୟତର ଆର୍ଗୁଶାଳା ନାମକ ଏକ ଗ୍ରାମରେ ଗୋଟିଏ ପର୍ବତ ଅଛି । ଉକ୍ତ ପର୍ବତର ପାଦ ଦେଶରେ ଗୋଟିଏ ପ୍ରାକୃତିକ ଜଳ କୁଣ୍ଡି ଅଛି । ଏହି କୁଣ୍ଡିର ଜଳରେ ଔଷଧୀୟ ଗୁଣ ଅଛି ବୋଲି ପୂର୍ବ ପୁରୁଷମାନେ କହନ୍ତି ଏବଂ ଏହା ସତ୍ୟ ମଧ୍ୟ କଥା ଅଛି ଯେ, ରୋଗୀର ଦେହରେ ଏହି କୁଣ୍ଡର ଜଳ ସିଞ୍ଚନ କଲେ ରୋଗୀ ଭଲ ହୁଏ । ଉକ୍ତ କୁଣ୍ଡିର ପାଣି ଆଣିବାକୁ ଗଲାବେଳେ ଜଳ କୁଣ୍ଡିର ଜଳ ନିର୍ମଳ ଥିଲେ ରୋଗୀ ଭଲ ହୁଏ । କିନ୍ତୁ କୁଣ୍ଡିର ଜଳ ଗୋଳିଆ ହୋଇଥିଲେ ରୋଗୀ ଭଲ ହେବନାହିଁ । ଏହା ଏହି ଅଞ୍ଚଳର ସ୍ଥାନୀୟ କିମ୍ବଦନ୍ତୀ ଅଟେ ।

□□□

# ସାତ୍ ଜାଣା ତାଇଁ

ସାତ ଜାଣା ତାୟିଁ ମାଚେରି । କାଜା ତାୟି ତକ୍ରିନି ଟା ଟା ମାଚେସି । ଏ ସାତଜାଣା ତାୟିଁ ରଦିନା ବେଟା ତାକି ଜାତାତା ହାଚେରୀ । କାଜା ତାୟିଁ ତକ୍ରି ଇଜ ମାଞ୍ଜାନା ରାନ୍ଧା କୁଚା କିତେ । ରଦିନା କୁଚା ଦାପି ଦାପି କେୟୁ ତେମା ଦାଚା କୁଡିତେ । ଏ କୁଚାତା ନେଟୁରି ଆଣ୍ଡିତେ । ଏମ୍ଭେଟିଏ ସାତଜାଣା ତାୟିଁ ଜାତାଟି ଇଜଅଁ ୱାତେରୀ ରାନ୍ଧା କୁଚା ଚିଞ୍ଜି ମାଚେଟି ମାଦି ଗାଲିତାସି ୱେଚେସି ଯେ, କୁଚା ଇଞ୍ଜୁ ଜାବୁରି ଆଇ ହେଚିମାନେ । ଆନା ଆଟାହା ମାଞ୍ଜି କି ଆୱା ଇଞ୍ଜି ୱେଚେସି । ଆୱା ୱେସେତେ ଯେ କୁଚା ଜାଚି ମାଚେଟି କେୟୁତେମା ଜାଚା କଡାମାଇନି, ଇଞ୍ଜି ୱେସତେ ଏମ୍ଭେଟିଏ ଅଣପିତାରି ଯେ ମାଁ ଆୱା ନେଟୁରି ଇଚି ଦାବାହେତେ ଇଚି ମାଁ ଆୟାନି ଚିଚି ଉଣେ ହେନେ କି ? ଇଞ୍ଜି ଅଣପିନାରି ର ଦିନାତାମି ଆୟାନି ଜାତାତା କୁଚା କଦିୱା ଇଞ୍ଜି ହାଟା ଅତେରି । ଇନା କୁଚା କୟି ମାଚେଟି ଧୀରେ ବାଣା ତାଲେ ଆ ତୁନେରି । ଇନା ଉଙ୍ଗା ହୁଣ୍ଡାନା ଇଜ ଅନେରି । କାରାତାକି ଉଣା ତାୟି ଇଜଅଁ ତେବ ଆହାସିଁ । ଉଣା ତାୟିଇ ହାପେଣିତା ୱେସେତେ ବାବୁ ଇଞ୍ଜୁତି ଉଙ୍ଗାତିନାଆ । ଉଙ୍ଗା ହିୟାତି ହେନି କାଣାତା ରହମୁଁ । ପେଣାକା ହିୟାତି ପୁଚି କାଣାତା ରହାତୁମୁ ଇଞ୍ଜି ୱେହେନେ । ଏ ଦିନା ବାରା ଜାଣେ ରାହାସାର୍ଦା ତାଲେ ଉଙ୍ଗା ତିନେରି । ଉଣା ତାୟି ନିତେନେଏସି । ଏ ଟୁରା ଦିନା ଆତେ । ପୁଚି କାଣାତି ପେଣାକା ର ମାହାଆ ମାରୁନୁ ନେୟିତେ । ଏ ଚରାଦିନା ଆୟେଲି କାଜାମାରୁନୁ ଆତେ । ଏମ୍ଭେଟି ମାହାଆ ମାରୁନୁ ନେୟିତେ । ଏମ୍ଭେଟି

ମାହାଆ ପୁୟୁପୁତେ । ମାହାଆ ଆଇତେ । ଏ ମାହାଆ ଗତିକାନ୍ଦା ଦାଦାରି ମେସ୍ତେରି ମାହାଆ ତିନମି ଇଞ୍ଜି ତାକା ହାନେରୀ, ହେକଟି ତେଗାରା ମାନିଲେକି ମେହେନେରି । ତେଗାରା ହାଚି ଲାଗାହାଇ ହାଜାତୁସ୍ତେ । ଏଚର ଦିନା ଆତେ । ବାରାଜାଣେ ହାଜି ଏହନମି ଇଞ୍ଜି ହାଚେରୀ ସାମା ପାଣାଆ ତାରି । ରଦିନା ଉଣାତାୟି ଏସକା ତାସି । ଏହାନା ଇଜଁ ଅନେସି, ସାମା ତାନୁତିନେସି । ଏମ୍ବେଟି ଉଣା ତାୟିଁବାରେ ଜାଣା କାଜା ଦାଦା ୱେସେସି । ଇ ମାହାଆ ଫଲ ଆହିନେ ମିରୁ ଏମିନିଦିନା ଜାତାତା । ଉଭ୍‌ଗା ଚଗଞ୍ଜରି ଏ ଉଙ୍ଗାତି ପେନୁକୁ ମାରତି ଫଲ ।

□□□

# ସାତ ଭାଇ ଓ ଆମ୍ବ ଗଛ କଥା

ଲୋକକଥା-୫

ସାତ ଜଣ ଭାଇ ଥିଲେ । ସେମାନଙ୍କ ମଧ୍ୟରୁ ବଡ଼ ଭାଇ ବିବାହ କରିଥିଲେ । ସାତଭାଇ ଦିନେ ବଣକୁ ଶୀକାର ପାଇଁ ଗଲେ । ବଡ଼ ଭାଇର ସ୍ତ୍ରୀ ଘରେ ଥାଇ ରୋଷେଇ ବାସ କଲେ । ଶାଗ କାଟୁ କାଟୁ ତାଙ୍କର ଆଙ୍ଗୁଠି କାଟି ହୋଇଗଲା । ସେ ଶାଗରେ ରକ୍ତ ମିଶିଗଲା । ତାପରେ ସାତଭାଇ ଜଙ୍ଗଲରୁ ଘରକୁ ଆସିଲେ । ସମସ୍ତେ ମିଶି ଖାଉଥିବା ସମୟରେ ମଝିଆ ଭାଇ କହିଲେ ଭାଉଜ ଆଜି ତରକାରୀ ଭାରି ଭଲ ଲାଗୁଛି । ତରକାରୀରେ କଣ ମିଶାଇଛ କି? ଭାଉଜ କହିଲେ ଶାଗ କାଟିବା ସମୟରେ ମୋ ହାତର ଆଙ୍ଗୁଠି କଟିଯାଇ ଶାଗରେ ରକ୍ତ ମିଶି ଯାଇଥିଲା । ଏହାପରେ ସେମାନେ ଭାବିଲେ ଯେ ଭାଉଜଙ୍କର ରକ୍ତ ଯଦି ଏତେ ସୁଆଦିଆ ହୋଇଛି ତାହାଲେ ତାଙ୍କର ମାଂସ କେତେ ସୁଆଦିଆ ହୋଇନଥିବ ! ତାପରେ ସେମାନେ ଗୋଟିଏ ଦିନ ଶୀକାରକୁ ଯାଉଥିବା ସମୟରେ ଭାଉଜଙ୍କୁ ଶାଗ ତୋଳିବା ପାଇଁ ସାଙ୍ଗରେ ଡାକିନେଲେ । ଭାଉଜ ଶାଗ ତୋଳୁଥିବା ସମୟରେ ଦିଅର ମାନେ ଭାଉଜକୁ ବନ୍ଧୁକରେ ଗୁଳି କରି ମାରିଦେଲେ ଏବଂ ଭାଉଜର ମାଂସ କାଟି ଘରକୁ ନେଇଗଲେ । ଖରା ହେଉଥିବାରୁ ସେଦିନ ସାନଭାଇଟି ଶିକାରକୁ ଯାଇନଥାଏ । ଶୋଇଥିବା ସମୟରେ ସ୍ୱପ୍ନ ଦେଖିଲା ଯେ ଆଜି ଘରକୁ ଅଣାଯାଇ ଥିବା ମାଂସ ତୁମେ ଖାଅ ନାହିଁ । ସେହି ମାଂସକୁ ଘର ଭିତରେ ଥିବା ଗାତ (କୁଟୁଣୀ) ଭିତରେ ପୂରାଇ ଦିଅ । ଯଦି ମାଂସରେ ହାଡ଼ ଆସିଲା ତାହେଲେ ସେଇ ହାଡକୁ ଉଇ ହୁଙ୍କାରେ ପୂରାଇ ଦିଅ । ସେହିଦିନ ସବୁ ଭାଇମାନେ ମାଂସକୁ ଭାରି ଖୁସି ମନରେ ଖାଇଲେ, ମାତ୍ର ସାନଭାଇ ଖାଇଲା ନାହିଁ ।

କିଛି ଦିନ ଗଲାପରେ ସେହି ଉଇ ହୁଙ୍କାରୁ ଆମ୍ବ ଗଛଟିଏ ଉଠିଲା । ଗଛଟି ଧୀରେ ଧୀରେ ବଡ ହୋଇ ସେଥିରେ ଆମ୍ବ ବଉଳ ଧରିଲା । ବଉଳରୁ ଆମ୍ବ ଫଳିଲା । ଗଛରେ ଆମ୍ବ ଫଳିଥିବା ଦେଖି ଭାଇମାନେ ଭାରି ଖୁସି ମନରେ ଆମ୍ବ ଖାଇବାକୁ ଗଛ ପାଖକୁ ଗଲେ । ଗଛ ପାଖକୁ ଯିବା ସଙ୍ଗେ ସଙ୍ଗେ ଗଛର ଶାଖା ଗୁଡିକ ସବୁ ଉପରକୁ ଉଠିଗଲା । ସେମାନେ ଆମ୍ବ ଖାଇ ନ ପାରି ଘରକୁ ଫେରି ଆସିଲେ । କିଛି ଦିନ ଗଲା ପରେ ସାନଭାଇଟି ଦିନେ ଯାଇ ଆମ୍ବ ତୋଳିଆଣି ସବୁ ଭାଇମାନଙ୍କୁ ଖାଇବାକୁ ଦେଲା । ମାତ୍ର ନିଜେ ସିଏ ଆମ୍ବ ଖାଇଲା ନାହିଁ । ପରିଶେଷରେ ସାନଭାଇ ସବୁଭାଇ ମାନଙ୍କୁ କହି ଦେଲା ଯେ, ତୁମେ ବଣରୁ ଯେଉଁ ମାଂସ ଆଣିଥିଲ ସେହି ମାଂସର ହାଡରୁ ଏ ଗଛଟି ସୃଷ୍ଟି ହୋଇଛି । ସାନଭାଇ ଏ ସମସ୍ତ ଘଟଣା ଜାଣିଛି ଭାବି ଅନ୍ୟ ଭାଇମାନେ ଲଜ୍ଜିତ ହେଲେ ଏବଂ ନିଜର ଭୁଲ୍ ବୁଝିପାରିଲେ ।

□□□

# ବୁଦ୍ଧି ହିଲାଆତେଁ ସବୁ ନାସା

ଜାତା ଭିତରେ ର ଇଜ ମାଚୁ । ଏମ୍ଏଁ ବୁତହି ବୁତହା ମାଚୁ । ଏଁୱାଁସିକା କି ସାତ ଜାଣା ମାସ୍କା ମାଚୁ । ର ଦିନା ବୁତହା ବୁହିତା ୱେସ୍କା ତାକି ଜାତାତା ହାଜାଞ୍ଜୁ । ୱେସ୍କା ପାରିଲି ଆତାନା ଟାଙ୍ଗିଆ ନିପୁତା ଇଟାନା ୱେସ୍କା ପେଣ୍ଡାଆଁ ଗାସ୍ତିୟୁଁ । ଏମ୍ବାଟିଏ ଟାଙ୍ଗିଆ ପାରିତିଁ ଟାଙ୍ଗିଆ ମେତା ଆଆତେ । ଏମ୍ବାଟିଏ ବୁତହାଲା ଗୃରି କାଚି ହେଣ୍ଡାନା ୱେସ୍ତିୟୁ ଏମ୍ବାୟୁଁ ମା ଟାଙ୍ଗିଆ ହିୟାସାରି ଏବାୟୁଁ କି ମା ମିଲାଁ କାଜା ମାଙ୍ଗା ହିଇଁ । ଏଚିବେଲାଁ ର ପାର୍ଟାବାଘ ଏ କାତା ୱେଞ୍ଜିଟେ । ପାର୍ଟାବାଘ ସାଙ୍ଗେ ସାଙ୍ଗେ ମାଣିଷି ଆହାନା ବୁତାହାଲାଆଁ ୱେସ୍ତେସି ନାନୁ ଟାଙ୍ଗିଆ ହିଇଁ । ନୁପୁତା ମାନେ ଇଞ୍ଜି ୱେସ୍ତେସି । ଏମ୍ବେଟି ବୁତହାଲା ଅତେ ପାଟାବାଘ ମାଣିଷି ବୁତହାଲା ଇଜଅଁ ହାଟୁ । ବୁତିହାଲା ବୁତହିଁ ଏମ୍ବେଟି ସାତ ଜାଣା ପଦାୟାଁ ସବୁ କାତା ୱେସାନା କାଜା ମାଙ୍ଗା ଇବିହା କିତିୟୁଁ । ଲାଏସି ୱେଇଲେ ପାର୍ଟାବାଘ ଅତେ ତାନା ତକ୍ରି ଜାତାତା ହାଟୁ । ପାର୍ଟାବାଘକିତ ଇଜ ହିଲେଏ । ତା ତକ୍ରିଇ ବିନେ ରାଜି ଅହନା ରଂ ପାଉଁତା ଇଟିତେ । ମାଣିଷ ଲକୁତ ଆର୍ନା ତିନି ଲକୁ ବୁତହାଲା କାଜା ମାଙ୍ଗା କିଛି ଆର୍ନା ଚମତା ଦାସ୍ତେ । ପାର୍ଟାବାଘ ସବୁ ଦିନା ତାନା ତକ୍ରି କି ହିହିଲି ଉଙ୍ଗା ଟାଚା ହିତେ । ମାଣିଷି ଲକୁତ ହିହିଲି ଉଙ୍ଗା ତିନା ତେ । ଏ ପଦା ଜାତାତି ମାହାଁ, ପାଣାସା, ଜାମ୍ବୁ, କୁନାୟାଁ ତିଞ୍ଜି ତୟିତେ । ଏମ୍ବେଟି ପାର୍ଟାବାଘ ମାଣିଷି ଉଙ୍ଗା ତିଞ୍ଜିଲି ଇଛା ଆତେ । ତାମା ନାଞ୍ଜି ସିକାଆଁ ନାତି କିହିନା ଆଜା ଜିରୁତା ଟାଚାନା ତିଞ୍ଜିଲି ମନତା ଅଣ୍‌ପିତେ । ପାର୍ଟାବାଘତାମା

ପୟାସିକା ଇଜ ହାଜାନା କୁଲିଁ ଦାନାଦି, ମାଣ୍ଡିଆ କନାଦି, କାଙ୍ଗା ଟିହିନାଦି, ୱାତି ଟୁଲୁନାଦି ରଣ୍ଡିଏ ଅସୁବିଧା ଆହିନେ ହାଲାସୁ ପଦାୟାଁ (ନାଞ୍ଜସିକା) ଟାଚିଲି ପାଣ୍ଡେଟେ ଇଞ୍ଜି ଟାମା ପୟାସିକାଁ ଟାମା ନାନାୱାକି ହାଜିଲି ରାହାଁ ଆଟୁ । ସବୁକେ କାଜା ନାଞ୍ଜି ଟାମା ଢାଇ ହାଜିଲି ରାଜି ଆଟେ । ଲାଏସି ୱେହିଲି ଟାଞ୍ଜାନା ଉଣ୍ଡାନା ଇଜିଟି ହଡି ଟାୟୁର ପିପ୍‌ରଡି ପଟା ସିଟେ । ପିପ୍‌ଡି ବାଘ ସାଙ୍ଗ ଯାଉଛ ଲ ପିପ୍‌ତ ପ୍‌ତ । ସାପ ସାଙ୍ଗେ ଯାଉଛ ଲ ପିପ୍‌ତ ଇ ପାଟୁ ୱେଞ୍ଜାନା ନାଞ୍ଜ ଗାଟାଦି ପାର୍ଟାବାଘ ବାଟଅଁ ୬ୱେଚେ ବାଟ ଉ ପଟା ଏନାତାକି ଏଲାହିଁ ପାଚିଟେ । ବାଟ ଗାଟାୟୁଁ ଡାହାର ତାକି ପର୍ଟା ପାର୍ଟନେ ଇଚିୟୁଁ ଅଦା ଜିରୁତା ହାଜିଲିଏ ଟାମା ନାଞ୍ଜିଅଁ ପାର୍ଟାବାଘ କ୍‌ଡାନି ଆହାନା ଡିଞ୍ଜିଟେ । ଇଲାକିଁ ସବୁ ସ ଜାଣା ନାଞ୍ଜସିକା ଜାକ୍‌ଲା ପାର୍ଟାବାଘ ଅଦାଜିରୁତା ଅହିଁ ଡିଞ୍ଜାଟୁଟେ । ସବାତାୟୁ ଟାନା ତକ୍ରି  ଜାକାଲା ଡିଞ୍ଜାଟୁଟେ । ବୁତହି ବୁତା ସାତ ଜାଣା ମାସ୍କା ଜାକ୍‌ଲା ହାହାଟୁ । ଇ ସାଗ୍ରମ ନର ମାଣିଷି ୱେସିନେ ଏନା ପୁନାନା ଆମ୍ବରଅଁ ଜାହାରା ପଦା ମିଲାୟାଁ ହିନିଦି ଆଏ ବନ୍ଧୁ ସମନ୍ଧି କିନାଦି ଆଏ । ସଇ ସାଙ୍ଗ ଜାକ୍‌ଲା ଆନାଦି ଆଏ । ନଏଲେ ବୁତହାଲା ବାଇ ସାତ ଜାଣା ମିଲାଁ (ପଦାଁ) ହାତିଲେ ଦୁକୁ ୱାନେ ।

□□□

# ବୁଦ୍ଧି ନଥିଲେ ସବୁ କ୍ଷତି ହୁଏ

ଉପଦେଶାତ୍ମକ-୪

ତୋତେ ଗାଳି ଶୁଣେଇବି । ଏହା କହି ଶୁଆ ବୁଢା ପାଖକୁ ଗଲା ଏବଂ କହିଲା ତୋ ବୁଢୀକୁ ଛାଞ୍ଚୁଣିରେ ବାଡା । ବୁଢା କହିଲା, ମୋ ବୁଢୀ ମୋତେ ରୋଷେଇ କରି ଦେଉଛି । ତାକୁ ବାଡେଇଲେ ମୋତେ କିଏ ରୋଷେଇ କରି ଦେବ? ତା ଗାଈ ପାଖକୁ ଶୁଆ ଯାଇ କହିଲା ବୁଢା କ୍ଷୀର ଦୁହିଁବା ସମୟରେ ବୁଢାକୁ ଲାତ ମାରେ । ଗାଈ କହିଲା ମୁଁ ତାକୁ ଲାତ ମାରିଲେ ମୋତେ କିଏ ଘାସ ଦେବ? ତୋ ବାଛୁରୀ ଦ୍ୱାରା ତୋର ପହ୍ନା ଛିଣ୍ଡାଇ ଦେବି । ଏହା କହି ଶୁଆ ବାଛୁରୀ ପାଖକୁ ଗଲା ଏବଂ ସେ କଥା କହିଲା । ବାଛୁରୀ କହିଲା ମାର ପହ୍ନା ଛିଣ୍ଡାଇଲେ ମୁଁ କଣ ଖାଇ ବଞ୍ଚିବି? ତାପରେ ଶୁଆ ବଣକୁ ଚାଲିଗଲା । ଗୋଟିଏ ବାଉଁଶ ନଳୀରେ ମହୁମାଛିକୁ ସଂଗ୍ରହ କଲା । ମହୁମାଛିକୁ ଆଣି ବାଛୁରୀ ପାଖରେ ଛାଡି ଦେଲା । ମହୁମାଛି ଡରରେ ବାଛୁରୀ ତା କାମ କରିବାକୁ ଗଲା ଏବଂ ଗାଈ, ବୁଢା, ବୁଢୀ, ବିଲେଇ, ମୂଷା ଓ ରାଜା କୁହାଯାଇଥିବା କାମ କରିବାକୁ ଯିବାରୁ ଭଣ୍ଡାରି ମଧ୍ୟ ଶୁଆକୁ ଲାଗିଥିବା କଣ୍ଟାକୁ ବାହାର କରିଦେଲା । ଏହିପରି ଭାବରେ ଶୁଆ ତା କାମ ସହଜରେ ହାସଲ କଲା ।

□□□

# ବାଲୁ ଅଡେ ଗରି

ର ଜାତାତା ର ବାଲୁ ମାଚେ । ଏ ବାଲୁ ସବୁ ଦିନା ଇର୍‌ପି ତିଞ୍ଜେଲି ୱାଇ ୱେତେ । ଏ ବାଲୁ ଜାତାତା ତେଗେଏଁ ର ନାୟୁଁମାଚେ । ଏ ନାୟୁଁତିର ଗରିର ଦିନା ବାଲୁ ତିନି ଇର୍‌ପି ମାରାତା ଇର୍‌ପି ତିଞ୍ଜେଲି ହାଜିୱେତେ । ବାଲୁ ଅଡେ ଗର୍‌ରି ଇର୍‌ପି ତିଞ୍ଜେଲି ହାଜି ୱେତୁ । ବାଲୁ ଅଡେ ଗର୍‌ରି ଇର୍‌ପି ମାରାତ ଏ ସବୁ ଦିନା ଇର୍‌ପି ତିଞ୍ଜି ୱେତୁ । ଏଲିକେଁ ସବୁଦିନା ହେଡିମ୍ବି ଆଇୱେତୁ । ଏମ୍ବାଟିଏ ଏୱି ରିଣ୍ଡା ସଇ ଗାସ୍‌ପି ଆତୁ । ର ଦିନା ବାଲୁ ଅଡେ ଗରିତା ଭିତରେ କାତା କେର୍‌ବି ଆତୁ । ମାରିଣ୍ଡି ଭିତରେ ଏମେ୍ମ କାଜାଁ ଆନି ?ବାଲୁ ଇଚେ ନାନୁ କାଜା ତାତାନୁ ଗରି ଇଚେନାନୁ କାଜାତାତାନୁ । ଏୱି ରିଣ୍ଡା ଭିତରେ ବାଦା କିୱି ଆତୁ ଯେ ହରୁଟିଏ ହସିରୁ ଏବେ ଏମ୍ମେ ଗାଡି ସିଲି (ଗାଡ୍‌ସି ଗାଉସି)ହାଜି ଆନି ଏୱାଁ କାଜାଁ ଇଞ୍ଜି ଆସିଲି ଆନେ । ଗର୍‌ରି ନକେଏଁ ଗାଡିଲି ଆରମ୍ଭ କିତେ । ର ଟଡଲେଏଁ ଟଡଲେଏଁ ଗାଡିସି ଗାଡ୍‌ସି ଇ ହରୁଟିଏ ଏ ହରୁ ଏବେ ଆଡିତେ । ମାତ୍ର ବାଲୁ ର ଦେବା ତ୍ରହଁ କେଁ ଗାଡ୍ ସାନା ହଟା ତୁତେ । ଏମ୍ବାଟି ଗରୀ ମେଏଁ ମେଏଁ କେଁ ହାଲି ଆତେ । ବାଲୁ ଲାଜ୍ଵାତାକି ଜାତାତା ହାଚେ ।

□□□

# ଭାଲୁ ଓ ଛେଳି

ଲୋକକଥା-୧୭

ଗୋଟିଏ ଜଙ୍ଗଲରେ ଗୋଟିଏ ଭାଲୁ ଥିଲା । ସେ ଭାଲୁ ସବୁଦିନ ମହୁଲ ଫୁଲ ଖାଇବାକୁ ଆସୁଥିଲା । ବଣରେ ଗାଁ ଟିଏ ମଧ୍ୟ ଥିଲା । ସେ ଗାଁ ର ଛେଳି ମଧ୍ୟ ଭାଲୁ ଖାଉଥିବା ମହୁଲ ଗଛ ପାଖକୁ ମହୁଲ ଫୁଲ ଖାଇବାକୁ ଆସୁଥିଲା । ଭାଲୁ ଏବଂ ଛେଳି ମହୁଲ ଗଛରୁ ସବୁଦିନ ମହୁଲ ଫୁଲ ଖାଉଥିଲେ । ତାପରେ ଏଦୁହେଁ ମିତ ବସିଲେ । ଗୋଟିଏ ଦିନ ଭାଲୁ ଏବଂ ଛେଳି କଥାବାର୍ତ୍ତା ହେଲେ । ଆମେ ଦୁହିଁଙ୍କ ଭିତରେ କିଏ ବଡ ଓ କିଏ ସାନ ? ଭାଲୁ କହିଲା; ମୁଁ ବଡ ଓ ଛେଳି କହିଲା ମୁଁ ବଡ । ଏହି ଦୁହିଁଙ୍କ ଭିତରେ ନିର୍ଣ୍ଣୟ ହେଲା ଯେ ଏ ପର୍ବତରୁ ସେ ପର୍ବତ ଯାଏଁ ଯିଏ ହଗି ହଗି ଯାଇ ପାରିବ ସେ ହିଁ ବଡ । ଛେଳି ହଗିବା ଆରମ୍ଭ କଲା । ଛେଳି ଗୋଟି ଗୋଟି କରି (ତାର ଲେଣ୍ଡି) ଏ ପର୍ବତରୁ ସେ ପର୍ବତ ଯାଏଁ ହଗିଲା । କିନ୍ତୁ ଭାଲୁ ଗୋଟିଏ ଜାଗାରେ ହଗି ଦେଇ ପକାଇଲା । ତାପରେ ଛେଳି ମେଁ ମେଁ ହୋଇ ବୋବାଇଲା ଭାଲୁ ବାଜିରେ ହାରି ଯାଇ ଥିବାରୁ ଲାଜରେ ପଳାଇଗଲା ।

□□□

# କାୱା ଏନାତାକି କାଡିନେ?

ଯୁଗୁ ଜାର୍ନାଆତି ୱେତାଛି କାଛା । ମାପୁରୁ ନର, ଜାତା, ଜନ୍ତୁ ଽକେପିତେ, ଯୁଗୁଉଁ ଅଜିଲି ମାପୁରୁ ନର, କଡି, ଜାତିତି ଜନ୍ତୁ ପଟାକାଟିଁ ବିନ୍ନେ ବିନ୍ନେ ରାଙ୍ଗୁ ହିଁତେ । ନର, ପୁୟୁ, କଡି, ଗରି ଜାତାଜନ୍ତୁ ରଙ୍ଗ ହିଆନା । ଲେଏଁଟି ପଟାକାଟିଁ କି ରଙ୍ଗ ହିଏଲିତାକି ମନ କିତେ । ତଲେଇଁ ଏୱାଇ ବଗକି ୱେଲା, କିରା କି ନିଲି ରଙ୍ଗ, ପାରା କି ଦାରମ୍ଭୁ ରାଙ୍ଗୁ ଅତେ କୋଇଲି ପାଟା କି କାଡିନି ରାଙ୍ଗୁ ହିଁତେ । ମାପୁରୁ ହେଟେ ଯେ, କାଡିଆ ରଙ୍ଗ ନେହିଁ ତିଞ୍ଜିଆଇଲେଏ । ଏଦାତାକି ଏ ରାଙ୍ଗୁ ବାଇଁକି ତୁକାନା ଇଟିତେ । ଅତେ ବିନ୍ନା ବିନ୍ନା ପଟାଆଁଇ ରାଙ୍ଗୁ ହିଇଲେ ଲାଗୁୱାତେ ।

ଏ ସମୟତା କାୱା ହେଟେ ମାପୁରୁ ଜେଅଁଟି ରଂଗ ମାଞ୍ଜାନେ । ଏଦି ଅଣପିତେ ଇଦି ସବୁଟି ନିହି ରାଙ୍ଗୁ । ଏଦାତାକି ମାପୁରୁ ତୁକାନା ଇଟିନେ । ର ରାଂଗୁ ଅତେଇମନି ପଟ । ନଗକିଲି ଇଛାମ୍ ଆହାନେ । ଏଦାତାକି ତୁଗୁ ତୁଗୁ ହାଜାନାକାୱି ଏ ରାଂଗୁ ମିତେ । ଅତେ ନିଜେ ତାକି ନିଜେ ସୁନ୍ଦରି ଅଣ୍ପାନା ଆଙ୍ଗା ଝାତ କିତେ । ତାନା ପାକାତା ମାଞ୍ଜାନିପଟାଁ । ହେଣ୍ଡାନା କିହିତୁ, ମାପୁରୁ ଯେଅଁମେସ୍ତେ । ହେଟେ ଯେ କାୱା କାଡିଆରଙ୍ଗ ମିହାନା । ଅସୁନ୍ଦର ଦିଶା ଆହିନେ । ଏଦି ମନ ମନ ଦୁଃଖ କିତେ । ମାତ୍ର ଇ କାୱା ଗର୍ବତାକି ଅତେ ରାଙ୍ଗୁଉଁ ବଦଲ କିଆତେଦେ । କାୱା ଏଚି ପୁଟା ଏଦି ଦର୍ପଣତା ହେଣ୍ଡାକଡିତେ ନିଜେ କାଡିଆ ଆଙ୍ଗା ହେଣ୍ଡାନା ଦୁଃଖ କିତେ । ମାତ୍ର ଏନାଅତେ ପରିବର୍ତ୍ତନ ଆଆତେଦେ । ଏ ଦନାଟିଏ କାୱା ରଙ୍ଗ କାଡିଆ ଇଞ୍ଜି ନର ବିଶ୍ୱାସ କିହିନାରି ।

□□□

# କାଉର ରଙ୍ଗ କଳା କାହିଁକି?

ଲୋକକଥା-୧୮

ସୃଷ୍ଟି ଆରମ୍ଭ ଦିନର କଥା । ଭଗବାନ ବିଭିନ୍ନ ପଶୁପକ୍ଷୀ, ଜୀବଜନ୍ତୁ ସୃଷ୍ଟି କଲେ । ସୃଷ୍ଟିକୁ ସୁନ୍ଦର କରିବା ସକାଶେ ବିଭିନ୍ନ ଜୀବଜନ୍ତୁ ଭିନ୍ନ ଭିନ୍ନ ରଙ୍ଗ ଦେଲେ । ବିଭିନ୍ନ ପଶୁ, ଉଦ୍ଭିଦ, ଫୁଲ ଏବଂ ମଣିଷ ମାନଙ୍କୁ ରଙ୍ଗ ଦେଇସାରି ପକ୍ଷୀମାନଙ୍କୁ ରଙ୍ଗ ଦେବାପାଇଁ ସ୍ଥିର କଲେ । ପ୍ରଥମେ ସେ ବଗକୁ ଧଳା, ଶୁଆକୁ ସବୁଜ, ପାରାକୁ ଧୂସର ଏବଂ କୋଇଲିକୁ କଳାରଙ୍ଗ ଦେଲେ । ଭଗବାନ ଦେଖିଲେ ଯେ କଳାରଙ୍ଗଟା ଅସୁନ୍ଦର ଦେଖାଯାଉଛି । ତେଣୁ ସେ ଭାବିଲେ ଆଉ କୌଣସି ପକ୍ଷୀକୁ କଳାରଙ୍ଗ ଦେବେ ନାହିଁ । ଏହାଭାବି ପଛପଟେ ସେହି ରଙ୍ଗକୁ ଲୁଚାଇ ରଖିଲେ । ତାପରେ ପୁଣି ବିଭିନ୍ନ ପକ୍ଷୀଙ୍କୁ ରଙ୍ଗ ଦେବାକୁ ଲାଗିଲେ ।

ଏହି ସମୟରେ କାଉ ଦିଖିଲା ଭଗବାନଙ୍କ ପଛପଟେ ଗୋଟିଏ ରଙ୍ଗ ଡବା ଅଛି । ସେ ଭାବିଲା ଏହା ବୋଧେ ସବୁଠୁ ସୁନ୍ଦର ରଙ୍ଗ । ତେଣୁ ତାକୁ ଲୁଚାଇ ରଖିଛନ୍ତି । ହୁଏତ ଏହି ରଙ୍ଗ ଆଉ କେଉଁ ପକ୍ଷୀକୁ ଦେବେ । ଏହା ଭାବି ଛପିଛପି ଯାଇ ସେହି ରଙ୍ଗକୁ ନିଜ ଦେହରେ ବୋଳିହେଲା । ତାପରେ ନିଜକୁ ସୁନ୍ଦର ବୋଲି ଦେଖାଇବା ପାଇଁ ଦେହକୁ ଟିକେ ଝାଡିଦେଲା ତା ପାଖରେ ଥିବା ପକ୍ଷୀମାନେ ଏହା ଦେଖି ହସିଲେ । ଭଗବାନ ପଛକୁ ମୁହଁ ବୁଲାଇ ଦେଖିଲେ ଯେ କାଉ କଳାରଙ୍ଗ ବୋଳି ହୋଇ ଅସୁନ୍ଦର ଦେଖାଯାଉଛି । ସେ ମନେ ମନେ ଦୁଃଖକଲେ । କିନ୍ତୁ କାଉର ଦୁଷ୍ଟାମି ପାଇଁ ଆଉ ସେ ରଙ୍ଗକୁ ବଦଳାଇଲେ ନାହିଁ । କାଉ ଯେତେବେଳେ ନିଜକୁ ଦର୍ପଣରେ ଦେଖିଲା ନିଜର କଳାରଙ୍ଗର ଦେହ ଦେଖି ବହୁତ ଦୁଃଖ କଲା । ଭଗବାନଙ୍କୁ ନିଜର ରଙ୍ଗ ବଦଳାଇବାକୁ ଅନୁରୋଧ କଲା । କିନ୍ତୁ କିଛି ଫଳ ହେଲା ନାହିଁ । ସେହି ଦିନଠୁ କାଉର ରଙ୍ଗ କଳା ରହିଛି ବୋଲି ଲୋକେ ବିଶ୍ୱାସ କରୁଛନ୍ତି ।

□□□

# ବଲେ ଅଡେ୍ ଅର୍ଲି

ଽବେଶିଦିନାତି ନକେତି କାତା । ଅରଲି ଅଡେ ବିଲେ ରିଣ୍ଡି ସଇ ମାଚୁ । ରିଣ୍ଡା ଆମ୍ବରି ଆମ୍ବାତକି ଶାଜୁ ହିଲାଆତୁ । ରିଣ୍ଡି ରିଣ୍ଡି ରାହାଁବାହାଁଆହିଁ ତେବଆହିମାଚୁ । ହୁଜୁସୁଜୁତା ରିଣ୍ଡି ନେହିଁ ମାଚୁ । ତାଇ ତାଇ ନେହେଁ ମାଞ୍ଜାମାଚୁ ।

ର ଦିନାତି କାତା । ଅରଲି ଅଡେ ବିଲେ ମିଣିକା ଆସ୍କାହାଜେଲି ସାମୁଦ୍ରୁତା ହାଚୁ । ର ୱେର୍ଗୁ କାତାନା ଡଙ୍ଗା କିତୁ । ଇମ୍ବାଟିଏ ଜାଲି ଆସାନା ସମୁଦ୍ରତା ହଟୁ । ମାଚିଲାଅତି ପାରିପୁୟୁ ଆତେ । ରିଣ୍ଡି ଆଜିତଲେ ଡଙ୍ଗତା ମୁଦାମୁଦି ଅହେଁ ତୁରାତୁତୁ । ଗାଲିପିୟୁ ପିସାତୁତେ ରିଣ୍ଡି ନିଙ୍ଗିତୁ । ସବୁୱାଇ ହେଟୁ ୱାକି ଏୟୁ ଅଡେ ଏୟୁ । ଗାଲିପିୟୁ ଏୱାସିକା ଡଙ୍ଗାଆଁ ସାମୁଦ୍ରୁ ଭିତରେ ବେଶି ହେକ ଅୟା ହାଜାନେ । ରିଣ୍ଡି ଅଜିତାକି ଆଜାହାଚୁ । ଇନିଆପେ ସାମୁଦ୍ରୁତି ଗାଟୁତା ହାନାଦିମାନେ । ଡଙ୍ଗା ପେରକୁ, ଦିନା ପରେ ଦିନା ୱାରା ହାଜାତୁତେ । ଏୱାସିକା ଗାଟୁତା ୱାହିଲି ଆତାଆତୁ । ଏୱସିକତାଣା ତିଞ୍ଜେଲି କାଦି ହିଲାଆତେ । ହାକିତାକି ବେଶି ହାଟାପାଟା ଆତୁ । ଏ ବେଲାତା ଅରଲି ହାକିଆତାନା । ମାରା ଡଙ୍ଗାଆଁ ତିଞ୍ଜେଲି ଆଟିତେ । ବିଲେ ଏ କାତା ପୁନାଆତେ, ଇଲାଗେ ତିଞ୍ଜି ତିଞ୍ଜି ଡଙ୍ଗାତା କାଣା ଆହାଆଚେ । ଏଦାତାକି ଡଙ୍ଗା ଭିତର ଏୟୁ ହଡାତୁତୁ । ଡଙ୍ଗା ଏୟୁତା ମୁଞ୍ଜାହାଚେ । ରିଣ୍ଡି ବେଶି କଷ୍ଟଡେଇ ଏକା କୁଲିତେ ବେଶି କଷ୍ଟ ପାଟୁ । ଅଡେ ଗାଟୁତା ହଟୁ ।

ଏଚିପୁଟା ବିଲେଇ ଆର୍ଲଇ ହିଜିତା ଆହାମାଚେ । ଏଦାଅଁତାକି ବିଲେ ଅର୍ଲିଇ ପାଇଲତାକି ଇଚା କିତେ । ଅର୍ଲି ଇ କାତା ପୁଞ୍ଜାନା ଆଜିତଲେ ୱେଷ୍ଟେ । ସଇ ଇ କାମାତା ନାଦି ଏନାଦି ବୁଲ୍ ହିଲେ । ଏ ତଙ୍ଗାଆଁ ସାହିଁ ତିଆରି କିଆମାଚେ । ପସ୍ପ ମାରାତାନେ ତିଆରି କିଆମାଚେ । ହାକିତାକି ନା ପାଲକା ହେକାତୁ ଏଦାତାକି ନାନୁ ପାଲ୍କାରା କିତେଏଁ । ଏଦି ପସ୍ପମାରାମାଚେ ତ କାଣାଆହା ଆହାଚେ । ଏଦାଁତାକି ନା ଦହ ଆନାନି? ନିଏ ସହିଁଇ ହାଟାତାକାଇଁ ।ନିନୁ ଗାତାକା ମାଞ୍ଜାମାଣ୍ମୁ । ଅର୍ଲି ସାମୁଦ୍ରି ବାଆଲିଆଁ ଗା୍ତାୟୁ କିଆନା ହଡାତୁତେ । ଅଡେ ୱାଆତେଦେ । ଏ ଦିନାଟିଏ ବିଲେଇ ଅର୍ଲି କାଣାତା କାଚାମାନେ । ଯଦି ଅର୍ଲି ହଡେ ପାଇଲି ନିଏତାକି ଅଣ୍ପିନେ । ଏ ଦିନାଟିଏ ନିଏତାକି ଶତ୍ରୁ ଆୟାନୁ ।

□□□

# ବିଲେଇ ଓ ମୂଷା

ଲୋକକଥା-୧୯

ବହୁ ବର୍ଷ ତଳର କଥା । ମୂଷା ଓ ବିଲେଇ ଦୁହେଁ ବନ୍ଧୁ ଥିଲେ । ତାଙ୍କଠାରେ କୌଣସି ଶତ୍ରୁତା ନଥାଏ ।ଦୁହେଁ ମିଳିମିଶି ଚଳୁଥିଲେ । ସୁଖ ଦୁଃଖରେ ଦୁହେଁ ଦୁହିଁଙ୍କୁ ସାହାଯ୍ୟ କରୁଥିଲେ । ଭାଇ ଭାଇ ଭଳି ଚଳୁଥିଲେ ।

ଦିନକର କଥା ମୂଷା ଓ ବିଲେଇ ମାଛ ଧରିବାକୁ ସମୁଦ୍ରକୁ ଗଲେ । ଗୋଟିଏ କାଠଗଣ୍ଡିକୁ କାଟି ଡଙ୍ଗା ତିଆରି କରାଇଲେ । ସେହି ଡଙ୍ଗାରେ ଜାଲ ନେଇ ସମୁଦ୍ର ଭିତରକୁ ଗଲେ । ହଠାତ୍ ଝଡବତାସ ହେଲା । ଦୁହେଁ ଭୟରେ ଡଙ୍ଗାରେ ଜାକିଜୁକି ହୋଇ ଶୋଇପଡିଲେ । ଝଡବତାସ ବନ୍ଦ ହେଲା । ଦୁହେଁ ଆଖି ଖୋଲିଲେ । ଚାରିଆଡେ ଦେଖିଲେ ଖାଲି ପାଣି ଅଉ ପାଣି । ଝଡ ତାଙ୍କର ଡଙ୍ଗାକୁ ଭସାଇ ନେଇ ସମୁଦ୍ରର ବହୁ ଭିତରକୁ ନେଇଯାଇଥିଲା । ଦୁହେଁ ଭୟଭୀତ ହୋଇଗଲେ । ଯେନତେନ ପ୍ରକାରେ ସମୁଦ୍ରରୁ ବାହାରକୁ ଆସିବାକୁ ଚେଷ୍ଟାକଲେ । ଡଙ୍ଗା ବାହିବାକୁ ଲାଗିଲେ । ଦିନପରେ ଦିନ ସପ୍ତାହ ପରେ ସପ୍ତାହ ବିତିଗଲା । ସେମାନଙ୍କ ପାଖରେ ଖାଦ୍ୟ ନଥିଲା । ସେମାନେ ଭୋକରେ ଆଉଟୁ ପାଉଟୁ ହେବାକୁ ଲାଗିଲେ । ଏତିକିବେଳେ ମୂଷା ଭୋକ ସହିନପାରି କାଠ ଡଙ୍ଗାଟିକୁ ଖାଇବାକୁ ଲାଗିଲା । ବିଲେଇ ସେ କଥା ଜାଣିପାରିଲାନାହିଁ । ଏମିତି ଖାଉ ଖାଉ ଡଙ୍ଗାରେ ଛୋଟ ଛିଦ୍ରଟି ହୋଇଗଲା । ଫଳରେ ଡଙ୍ଗା ଭିତରକୁ ପାଣି ପଶିଆସିଲା । ଡଙ୍ଗାଟି ପାଣିରେ ବୁଡିବାକୁ ଲାଗିଲା । ଦୁହେଁ ବଡ କଷ୍ଟରେ ସେହି ବିପଦରୁ ଉଦ୍ଧାର ପାଇଲେ । ଶେଷରେ ଦୁହେଁ ସମୁଦ୍ର କୂଳରେ ପହଞ୍ଚିଲେ ।

ବିଲେଇ କିନ୍ତୁ ମୂଷା ଉପରେ ସେତେବେଳେ ରାଗିଯାଇଥାଏ । ତେଣୁ ବିଲେଇ ମୂଷାକୁ ଗାଳିକରି ତାକୁ ମାରିବା ନିମନ୍ତେ ଉଦ୍ୟମ ହେଲା । ମୂଷା ଏ କଥା ଜାଣି ଭୟରେ କହିଲା–ବନ୍ଧୁ! ଏଥିରେ ମୋର କୌଣସି ଭୁଲ ନାହିଁ· ଏ ଡଙ୍ଗାଟି ଗୋଧି ତିଆରି କରିଥିଲା । ଏହାକୁ ସେ ନରମ କାଠରେ ତିଆରି କରିଦେଇଛି । ମୋତେ ଯେତେବେଳେ ଭୋକ ଲାଗିଲା ମୋର ଦାନ୍ତ କୁଣ୍ଡାଇହେଲା। ତେଣୁ ମୁଁ ସେଥିରେ ଦାନ୍ତ ଘଷିଲି । ତାହା ନରମ ହୋଇଥିବାରୁ ଛିଦ୍ରହୋଇଗଲା । ଏଥିରେ ମୋର ଦୋଷ କଣ ?ମୁଁ ଏବେ ଗୋଧିକୁ ଡାକି ଆଣିବି । ତୁମେ ଟିକିଏ ଅପେକ୍ଷା କର । ଏହା ଶୁଣି ବିଲେଇ ଗୋଧିକୁ ଡାକି ଆଣିବା ପାଇଁ କହିଲା । ମୂଷା ସମୁଦ୍ର ବାଲିରେ ଗାତ କରି ଚାଲିଗଲା । କିନ୍ତୁ ଆଉ ଫେରିଲା ନାହିଁ । ସେହି ଦିନଠୁ ବିଲେଇ ମୂଷାକୁ ଗାତରେ ଜଗି ରହିଛି ।ମୂଷାର ଠକାମି ପାଇଁ ତାକୁ ମାରିବାକୁ ଚାହିଁଲା । ଏହିପରି ପରସ୍ପର ଭିତରେ ଶତ୍ରୁତା ସୃଷ୍ଟି ହେଲା ।

□□□

# ବାରିଝୋଲା ନାୟୁଁ ତି କାତା
# ନରକାତା (କିମ୍ବଦନ୍ତୀ)

ɔବେଶି ବାର୍ଷା ତେଲେଣି ରାୟଗଡା ସବେଏଁ ଜାତା ମାଚେ । ɔବେଶି ନର ହିଲାଆତେରି ।ବାରିଝୋଲା ତେକେଏଁ ମାନି ହରୁଟି ନକେଏଁ କାତା ହାଲ୍‌ବିୱେତେ । ଏଦାଆଁ ତାକି ନେଏ ହେଣ୍ଡିମ୍‌ନି ଇର୍‌ଆସବୁ କାତାକୁଟିତି ଇର୍‌ଆ ୱାଜେଁ ମାନେ । ଇଲାକିଁ ଏଚର ବାର୍ଷା ପରେ ନର ହାରଁ ଆତେରି, ଏମ୍ବାଟିଏ ନକେଏ ମାଚାରି ତାଣାଟି ଭୂମି ମିଞ୍ଜାସ୍ତେରି । ଏଲିତାକି ଏୱାରି କପା ଆହାଚେରି, ହାଣା କାତା ହଚିମଚି ଜିରୁଉଁ ସୁଣ୍ଡାସ୍ତେରି ହାଣା କାତାଆଁ ଭୂମି ଭିତିର ମେତାସ୍ତେରି, ଏ କାତା ନେଏଁ ମାଝିଗୌରୀ ତେଲେଣି କିଆଝୋଲା ନାୟୁଁ ତେକେଏ ହଚିମାନେ । ଏ କାତା ନକେଏଁ ବାରିଝୋଲା ହରୁ ଲେଅଟିଏ ହାଲ୍‌ବି ୱେତେ ଏଦାଆଁ ତାକି ମା ନାସ୍‌କାତି ଇର୍‌ଆ ବାଇଲି ୱାଜେଁ ମାନେ ।

□□□

# ବାରିଝୋଲା ଗାଁର କଥା

ବେଶୀ ବର୍ଷତଳେ ରାୟଗଡାର ସବୁ ଆଡେ ଜଙ୍ଗଲଥିଲା । ବେଶୀଲୋକ ନଥିଲେ । ବାରିଝୋଲାର ଗୋଟିଏ ପାହାଡ ପାଖରୁ ଗୋଟିଏ ଝରଣା ଯାଉଥିଲା । ତେବେ ଆମେ ଯେଉଁ ମାଟି ଏବେ ଦେଖିବାକୁ ପାଉଛେ ତାହା ଏବେ ସେହି ଝରଣାର ମାଟିପରି ଦେଖାଯାଉଛି । ଏମିତି କେତେବର୍ଷ ଗଲାପରେ ଧିରେଧିରେ ଲୋକଙ୍କ ସଂଖ୍ୟାବଢିଲା । ଏବଂ ପୂର୍ବେ ଯେଉଁମାନେ ବାସ କରୁଥିଲେ ସେମାନଙ୍କ ଠାରୁ ବର୍ତ୍ତମାନର ଲୋକମାନେ ଜମି କବ୍‌ଜା କଲେ । ଓ ସେମାନେ ସେହି ଝରଣା ବାହାରିବା ବାଟକୁ ବନ୍ଦ କରି ତାହାକୁ ଭୂମି ଭିତରକୁ ଠେଲିଦେଲେ ।

ବର୍ତ୍ତମାନ ସେହି ଝରଣାଟି ରାୟଗଡାର ଦେବୀ ମାଁ ମାଝିଗୌରୀଆଣି ମନ୍ଦିର ତଳେ ଥିବା କିଆଁ ଝୋଲା ବୋଲି ଗୋଟିଏ ଗାଁ ପାଖରୁ ଝରଣଆଟି ପ୍ରବାହିତ ହେଲା । ଉକ୍ତ ଝରଣାଟି ପୂର୍ବେ ବାରିଝୋଲା ପାବାଡ ଉପରୁ ପ୍ରବାହିତ ହେଉଥିବାରୁ ସେ ଗ୍ରାମର ମାଟି ସବୁ ବର୍ତ୍ତମାନ ବାଲିପରି ଦେଖାଯାଉଛି ।

□□□

# ମାଣ୍ଡିଆ ରାଣୀ (କିମ୍ବଦନ୍ତୀ)

ମା କୁଇଁ ପାର୍ବୁତାକି ଇ ପାର୍ବୁର ପାର୍ବୁ, ବାର୍ଷା ତାକି ରୋ ଦିନାୱାନେ ଆସା ଲେଜୁଂ ଲାକିବାରା ଦିନା ଆନେ । ମାଣ୍ଡିଆ ରାଣି ଏନିକିଁ କିନାଦି? ଜାନି ଇଜଂ ପାଟୁ ପେଜେଣୀ ୱାହାନା ନେଲୁତା ହାଜାନା ବାଜାଂ ତୋଲେ କୁଲି ତାକି ଅତେ ମାଣ୍ଡିଆ ତାକି ହୟୁହିପା ପୂଜା କିହାନା ରେନୁ । ଏମାଣ୍ଡିଆ ତାକି ଅତେ କୁଲିତାକି ଜାକିରିତା ଅହାନା ମୁହୁନୁ । ଆମାଟେଏ ଗୁତାପାତାତି ଲୋକୁ ଜାହାରା ଜାହାରା ନେଲୁତି କୁଲିତାକି ମାଣ୍ଡି ଆତାକି ଇଜଅଁ ତାଚାନା ନେଚିତିତତା ଆତାକାଲାକା କୁଲି ମାଣ୍ଡିଆ ୱାକାନା କୁଲି ଗଙ୍ଗୁତା କୁଲିଁତାକି ମାଣ୍ଡିଆ ଗଙ୍ଗୁଢା ତାକି ଉହାନା ହିଙ୍ଗା ଏୟୁ ୱାଖିନୁ । ଏ ମାଆଁ ପୋକଲା ଠୋୟୁ ଅତେ ଗାଞ୍ଜାକୟୁ ଢାକିନୁ । ମିଲଅଁ ପୁଟା ପେଜେଣି ସବୁ ଇଜହ୍ ହତି କକାଆଁ ମାଞ୍ଜି ତିସି ତାକିନେ । ଲାଆଁ ଆତେଁ ସବୁଜାଣି ଏ କୟୁ ଉଙ୍ଗା ଲାଗି ବଜି ଅଣ୍ଡା ତିଞ୍ଜାନା ରାହାଁ କିନୁ । ମାଣ୍ଡିଆ ରାଣି ଏନାଆତାକି କିନେରି- ନେଲୁତା ଯେତେ ବିଛା ଜାରା, କିହାମାନେମ୍ବିନେରି ଏ ଦିଇଁ ଝାଣ୍ଟୁ ଜାତାରେଜିଲି ଇପାର୍ବୁ କିନେରି । ଇପାର୍ବୁ ଆତେଦେଁ ସବୁଜାଣା ନିଜେ ନିଜେ ବାତାତାଁ ଜାଣ୍ଟୁ ରେନି କାମା ଆରମ୍ଭ କିନୁଁ ।

□□□

# ମାଣ୍ଡିଆରାଣୀ (କିମ୍ବଦନ୍ତୀ)

ଆଦିବାସୀମାନଙ୍କର ମାଣ୍ଡିଆରାଣୀ ପର୍ବ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପର୍ବ । ଏହି ପର୍ବ ବର୍ଷକୁ ଥରେ ଆସେ ଓ ଆଷାଢ ମାସର ଗୁରୁବାର ଦିନ ହୁଏ ।

ମାଣ୍ଡିଆ ରାଣୀ କିପରି ହେବ?- ଏହି ପର୍ବଦିନ ବେଜୁଣୀ ଗାଁର ମୁଖିଆ ବା ଜାନି ଘରର କୁଡିଆକୁ ଯାଇ ଗୋଟିଏ ଧାନଗଛ ଓ ଗୋଟିଏ ମାଣ୍ଡିଆଗଛକୁ ପୂଜାକରି ଉପାଡି କି ଆଣନ୍ତି । ଉକ୍ତ ଧାନ ଗଛ ଓ ମାଣ୍ଡିଆଗଛକୁ ନେଇ ତାଙ୍କର ଧରଣୀ ମାଁ ପାଖରେ ପୋତନ୍ତି । ତାପରେ ଗାଁର ସବୁଲୋକମାନେ ନିଜ ନିଜର ଗୁଡିଆକୁଯାଇ ଧାନ ଓ ମାଣ୍ଡିଆ ଗଛ ଆଣି ନିଜ ଘରେ ଗୋଟିଏ ଅଡା ଧାନ ଉପରେ ଧାନଗଛ ପୋତିବେ ଏବଂ ଗୋଟିଏ ଅଡା ମାଣ୍ଡିଆରେ ମାଣ୍ଡିଆ ଗଛ ପୋତି ହଳଦୀ ପାଣି ପକାଇବେ । ତାପରେ ଗୋଟିଏ ମାଇ ଓ ଗଞ୍ଜା କୁକୁଡାକୁ ବଳିଦେବେ ଓ ରାତିରେ ସେହି ମାଂସଭାତ ଖାଇ ଖୁସି ମନେଇବେ । ଏହିପରି ସେମାନେ ମାଣ୍ଡିଆରାଣୀ ପର୍ବ ପାଳନ କରନ୍ତି ।

□□□

# ଶାସ୍ତ୍ରମି (ଗପ-୧) ଅଧିକ ଆଶାଆଁତେ ଆନାଇ

ରୋ ନାୟୁତା ବୁଢାହାବୁଢିହି ମାଚୁ । ଏୱାସିକାତାଣା ପଦା ମିଲାଁ ଇଲାହାତୁ । ବୁଢାହା ୱେଇଦିନା କାତୁ ଭଣ୍ଡାନା ୱାନିୟାଁ । ଏଦାଁତାକି ବୁଢିଇ ତାହି ମାତାଗୁତା ଆନୁ । ରୋ ଦିନା ବୁଢୀଃ ବୁଢାହି ଏପ୍ରିକୁଟାତାଇ ମାତା କିତେ । ବୁଢାହା ବୁଣୀହି ଏସ୍ତିହାଁ ନାନୁ ହାୟା ଆହିଁ ମାଞ୍ଜାନା ଆନାତାକି? ବୁଢି ଇଚେ ହାତେଁ ହାୟା ହାଲୁମୁ । ବୁଢା ମନଦୁଃଖ ଅତିଁ । ବୁଢାଃ ବାଣ୍ଡାରେୟେଁ ଆଜାନା ତ୍ରାୟୁଁ ଦାସ୍ତିଆଁ । ଲାଣ୍ଡା ଆୟାନା ମିଲଅଁପୁଟା । ମାହାଁ ତାଙ୍କୁ ଗାହିଇ ଆଚିୟାଁ । ବୁଢାହା ଗାତାୟୁ କାର୍ଜାନା ଗାତାୟୁତା ମୁଞ୍ଜାତୁତିଁ । ଏମ୍ବାଟିଏ ତଙ୍ଗାୟାଁ ହାରକୁ ଆସାନା ମାହାଟାଙ୍ଗା ଗାହେ ୱାତେରି । କଗାନା ତାଚେନେ ହାରକୁ ବାଟିକିହିଁ ସାରି । ରୋ ଡିଙ୍ଗେଏଁ କବିରି କାୟା ଆସାନା କବିରିକାୟାଁ ଅହିଲି ୱାଲି ପାରିତିୟାଁ କବିରିକାୟା ଆହାନା ତ୍ରାୟୁଁତା କତିତିହାଁ, ବୁଢା ହା ଆୟାଣୀ ହାତାନ୍ନୁଁ, ଇଛିୟାଁ ଏକାତାୱେଞ୍ଜନା ତଙ୍ଗା ଆଜିତାକି ହାରକୁପ ପିହାନା ହଟା ତୁତେରି । ବୁଢାଁ ଗାତିୟୁଟି ହଚନା ହେବେଏଁ ହାରକୁଧାହାନା ଇଜା ହାଚିୟାଁ । ବୁଢୀଇ ହାଟିତିୟାଁ ଦାରାଦେମୁ । ବୁଢୀଇ ରାଗତାଇ ୱେସ୍ତେ ଆନାତାକି ହାଆତି । ବୁଢା ତାଚାନି ହାରକୁ ଏଣ୍ଡାନା ବୁଢି ରାହାଁଆତେ । ବୁଢୀ ୱେଚେ ଏନିକିଁ ପାଟି । ବୁଢାହା ଯବୁକାତା ୱେସ୍ତିହାଁ । ଅତିଲୁତାୟା ଏକାତା ୱେଞ୍ଜିସେ । ୱେଞ୍ଜନା ତାନି ବୁଢାଇ ୱେସ୍ତେ ନିୟୁଁ ଅଢେ ହଜାନା ତାମୁ । ତାନିବୁଢାହା

ହାରକୁ ପାତିଲି ଏହାଁ ଅତେ ତ୍ରାୟୁ କାତ୍ରି କିଆନା ମାହା ତାଙ୍ଗୁତା ମୁହଁ କ୍ଲୁତିତି । ଏଚି କୁଟା ଅତେ ୱାତେରି ଡଙ୍ଗା । ଅତେ କବିରିକାୟା ଢିଣିଲି ୱାଲି ପାରିତିରି । ୱାଲି ଇଞ୍ଜାନା ଇଞ୍ଜେଣି ତ୍ରାୟୁଁତା କବିରିକାୟା ଅସ୍ତେରି । ଏମ୍ବାଟିଏ ବୁତା ଆୟାସୀ ହାତାନୁ ଇଛିୟାଁ, ଇ ବାଁତା ଇ ଡଙ୍ଗା ପୁଞ୍ଜାତୁତେରୀ । ଡଙ୍ଗା ହେବେଁ ତାନୁ ତ୍ରାୟୁଁତା କତା ତୁସ୍ତେରି । ବୁଢା ହାୟାହାଚିଁ । ଏବାତାକି ବେଶି ଆଶା ଆଆନାଇ ।

□□□

# ଅତି ଲୋଭରେ ମୃତ୍ୟୁ (ଗ୍ରାସମି-ଗପ-୧)

ଗୋଟିଏ ଗାଁରେ ବୁଢା ବୁଢୀ ଥିଲେ । ତାଙ୍କର କୌଣସି ପୁଅ ଝିଅ ନଥିଲା । ବୁଢା ପ୍ରତ୍ୟେକ ଦିନ ମଦ ପିଇ ଘରକୁ ଆସେ । ତେଣୁ ସେମାନେ କଳି କରିନ୍ତି । ଦିନେ ବୁଢୀ ବୁଢାକୁ ଛାଞ୍ଚୁଣିରେ ପାହାରେ ପକାଇଲା । ବୁଢା ବୁଢୀର ଏପରି ସ୍ୱାଭାବ ଦେଖି ମନଦୁଃଖ କଲା । ବୁଢୀ ବୁଢାକୁ ମରିବାକୁ କହିଲା । ତେଣୁ ବୁଢା ପ୍ରଥମେ ନିଜକୁ ଲଣ୍ଡା କରିନେଲା । ସନ୍ଧ୍ୟା ହେବାରୁ ଗାଁର ମସାଣିକୁ ଗଲା । ବୁଢା ବେକ ପର୍ଯ୍ୟନ୍ତ ଗାତ ଖୋଳି ନିଜେ ପୋତି ହୋଇଗଲା । ମଧ୍ୟ ରାତି ବେଳକୁ ଦଳେ ଚୋର ଆସିଲେ । ସେମାନେ ଚୋର ସାମଗ୍ରୀ ବାଣ୍ଟୁଥିଲେ । ଜଣେ ଚୋର ନଡିଆଭାଙ୍ଗି ବା ପାଇଁ ପଥର ଭାବି ବୁଢା ମୁଣ୍ଡରେ ନଡିଆ ଫଟାଇ ଦେଲା । ବୁଢା ଜୋର୍‌ରେ ଚିତ୍କାର କଲା ଏ ମା ମରିଗଲି! ଚୋରମାନେ ଭୂତ ଭାବି ଟଙ୍କା ସୁନା ଛାଡି ଦୌଡି ପଳାଇଲେ । ବୁଢା ଗାତରୁ ବାହାରି ସବୁ ସମ୍ପତ୍ତି ଧରି ଘରକୁ ଗଲା । ବୁଢୀକୁ କହିଲା କବାଟ ଖୋଲ । ବୁଢୀ ରାଗିକି କହିଲା ଆଉ କାହିଁକି ଆସିଲ? ବୁଢା ଆଣିବା ସମ୍ପତ୍ତି ଦେଖି ବୁଢୀ ଖୁସିହେଲା । ବୁଢୀ ପଚାରିଲା ଏତେ ଧନ କେଉଁ ଠୁ ଆଣିଲ । ବୁଢା ଗୋଟି ଗୋଟି କରି ସବୁ କହିଲା । ଏ କଥା ପଡିଶା ଘର ସ୍ତ୍ରୀ ଶୁଣୁଥାଏ । ସ୍ୱାମୀକୁ କହିଲା ଯେ ତୁମେ ବି ଏପରି କର । ସମ୍ପତ୍ତି ପାଇବା ଆଶାରେ ପଡୋଶୀଘର ଲୋକ ଲଣ୍ଡା ହୋଇ ମସାଣୀରେ ବେକ ଯାଏଁ ପୋତି ହେଲା । ପୁନବାର ଚୋରମାନେ ସେହି ଜାଗାକୁ ଧନ ଧରି ଆସିଲେ । ପୁଣି ନଡିଆ

ଖାଇବା ଉଦ୍ଦେଶ୍ୟରେ ପଥର ଖୋଜିଲେ । ପଥର ଭାବି ବୁଢାର ମୁଣ୍ଡରେ ନଡିଆ ଭାଙ୍ଗିଲେ । ଠିକ୍ ଆଗ ପରି ଅନୁକରଣ କରି ସେ ଲୋକ ଚିତ୍କାର କରି କହିଲା; ଏ ମାଁ ମରିଗଲି ! ଚୋରମାନେ ଜାଣିଗଲେ ଓ ସମସ୍ତେ ଗୋଟିଏ ଗୋଟିଏ ଲେଖାଏଁ ନଡିଆ ମୁଣ୍ଡରେ ଭାଙ୍ଗି ଦେଲେ ଓ ଲୋକଟି ମରିଗଲା । ତେଣୁ କଥାରେ ଅଛି ଅତି ଲୋଭେ ମୃତ୍ୟୁ ।

□□□

# ଟାକା ବାଙ୍ଗି ମାଣିଷି ରାହାଁଇଏଁ

ର ନାୟୁତା କାରମୁଲା କୁମ୍ବେରଏଁ ଓଡେ ସଂସାରୀ ସାହୁକାରୀ ରି ଆରି ହଡିଇଁ ହଡିଇଁ ମାଚେରି, କୁମ୍ବେରଏଁ ତାମ୍ବି ଓ କିୱେଲି ଇରଆଁ ତାଚିନା ତକାଁ କେପିସିଆ ତକାଁ କେପିସାଟି ଏୱାଁ ପାଣବୁଁ ପାଚିସିଆଁ । ଏୱା ଏଚେଁ ଦାରାଁ ଶୁଣ୍ଡିତାଆଡିୟାଁ । ଏୱାଁ ହିଇକିଁ ଉଞ୍ଜିସିଆଁ ।

ହଡି ଗାଟେଁ ହେଟିଆଁ କୁମ୍ବେରୁଏଁ ଏ ଛେୱା ଟାକାଣି ଆଣପିତାଏଁ । ମାତ୍ର ସାହୁକାରୀ ଟାକାଣି ଏବେଡିୱେଡା ଅଣପିନିଆଁ । ଏଚିକୁଟା ହେଟେଁ ଦାରା ଶୁଣ୍ଡା କଡିନିଆଁ ଲାଏଁସାରିକା ଉଞ୍ଜେଏଁ । ଆନା ତାକିଚେ ଏୱାଣି ସମ୍ପତ୍ତି ଆମ୍ବାପାରା ଅୟାହାନେରି ।

ର ଦିନା ସାହୁକାରୀ କମ୍ବେରେଏଁ ହାଟିଡ଼ିୟାଁ ଟାକାଁ ହିୟାନା ଽୱେସ୍ତିୟାଁ ନାଙ୍ଗେଂ ଇ ଟେକାଁ ଦରକାର ଆଏ ନିନୁ ଅରିହାଲାମୁ । ଟାକାଁ ପାଡାନା କମ୍ବେରେଏଁ ରାହାଆଡିଆଁ । ର ଦିନଟି ତଲିଦାବାଁ ଦାରା ଶୁଣ୍ଡାକଡନା ଉଞ୍ଜିଡି । ଏୱାଁ ଗାଡିକାତାମ୍ବାଲେ ନିଙ୍ଗିସିଆଁ । ଏୱା ଅଣପିସିଆଁ ଇଟାତାଁ ଉଞ୍ଜିତେ ଆମ୍ବପାରା ଟାକା ଓୟାହାନେରି । ଲାଆସି ଟାକାଆହାନା ସାହୁକାରୀ ଇଜଁ ହାଚିୟାଁ । ୱେସ୍ତିଆଁ ନାଙ୍ଗେଂ ଇ ଧନ ସମ୍ପତ୍ତି ଆକରିଆଏ ଇ ଟାକା ବାଙ୍ଗି ୱୟାହାଲମୁ । ଇ ଟାକାଁ ଗାଟିଁ ନାନୁ ହୁଞ୍ଜିଲିମୁହତାନୁ ପାଣୁବୁଁ ୱହାଁ ପାଚିଲି ମୁହାତାନୁ ।

□□□

# ସମ୍ପତ୍ତି ମନୁଷ୍ୟକୁ ଖୁସି ଦିଏ ନାହିଁ

ଲୋକକଥା - ୨୦

ଗୋଟିଏ ଗରିବ କମାର ଓ ମହାଜନ ବ୍ୟବସାୟୀ ଦୁଇ ପୋଡଶୀ ଥିଲେ । କମାର ତାର ଘରେ କମାରଶାଳ କରିଥିଲା । ସେ କାମ କରିବା ସମୟରେ ଗୀତ ଗାଉଥିଲା । ସେ କେବେହେଲେ ତା ଘରର କବାଟ ଝରକା ବନ୍ଦ କରେ ନାହିଁ । ସେ ରାତିର ଗାଢ଼ ନିଦ୍ରାରେ ଶୁଏ ।

ପଡୋଶୀ ଧନୀ ଲୋକଟି ସବୁବେଳେ ତାକୁ ଦେଖେ । ସେ ଦେଖିଲା ଗରିବ ଲୋକଟି ପଇସା ପାଇଁ କେବେ ମଧ୍ୟ ଚିନ୍ତିତ ନୁହେଁ। କିନ୍ତୁ ଧନୀ ଲୋକଟି ପଇସା ପାଇଁ ସବୁବେଳେ ଚିନ୍ତିତ । ସେ ସବୁବେଳେ ଝରକା କବାଟ ବନ୍ଦ କରି ରାତିରେ ଶୁଏ । କିନ୍ତୁ ସେ ଠିକ୍‌ରେ ଶୋଇପାରେ ନାହିଁ । କାରଣ ସେ ତାର ଧନ ସମ୍ପତ୍ତିର ସୁରକ୍ଷା ପାଇଁ ଚିନ୍ତିତ ଥାଏ ।

ଦିନେ ଧନୀ ଲୋକଟି କମାରକୁ ଡାକି ତାକୁ କିଛି ଟଙ୍କା ଦେଇ କହିଲା ମୋର ଏହା ଦରକାର ନାହିଁ । ତୁମେ ଏହାକୁ ତୁମର ଭାବି ରଖ । କମାର ଏହାକୁ ପାଇ ଖୁସିହେଲା । କିନ୍ତୁ ଏତେ ଗୁଡାଏ ଟଙ୍କା ତାର ଶାନ୍ତ ଜୀବନକୁ ବ୍ୟସ୍ତ କରିଦେଲା । କାରଣ ପ୍ରଥମ ଥର ପାଇଁ ସେ ଘରର ଝରକା ଓ କବାଟ ବନ୍ଦ କରି ଶୋଇଲା । ସେ ରାତିରେ ବାରମ୍ବାର ଉଠି ଟଙ୍କାର ସୁରକ୍ଷା ଚିନ୍ତା କରୁଥିଲା । ତା ପରଦିନ ସକାଳୁ କମାର ତାର ପଡୋଶୀ ଧନୀଲୋକ ଘରକୁ ଗଲା । ସେଠାରେ ସେ ଧନୀଲୋକଙ୍କୁ କହିଲା ଆଜ୍ଞା ଆପଣଙ୍କର ଟଙ୍କା ଦୟାକରି ନେଇ ଯାଆନ୍ତୁ । କାରଣ ଏହି ଟଙ୍କା ମୋ ଠାରୁ ନିଦ୍ରା ଓ ଗୀତ ଗାଇବା ଛଡାଇ ନେଲା ।

□□□

# ରାକେସି ପୂଜା (କିମ୍ବଦନ୍ତୀ)

ପୂର୍ବ କାଲାତି କାତା । ର କାଜା ନାୟୁଁ ମାଛୋ ଏ ନାୟୁଁତା ଆରାନା ହାରକା ଆରାନା କାମ୍ବି ମାଛେ । ଆରାନା କାମ୍ବି ମାଚେ ସାମାବାର୍ଷା ଏଜି ହିଲାତେ ନାୟୁଁତି ଜାନି ସାଆଁନ୍ତା ଡିସାରା ପେଜେଣି ହାରାକା ଦୁକୁ କିତୁ, ପାଞ୍ଜି ଜିୟଁ କିତୁ ଏନି କାମା ହିଆତେ । ନାୟୁଁ ଶାନ୍ତି, ଆଆତେ । ନାୟଁତାକି କାଜା ମାଣିସି ଜାନିର ଲାଆହାଁ ଏନି କିଂତେ ହେଁ । ନାୟୁଁ ସୁସ୍ତି ଆନେ ଅଣପି ଅଣପି ତୁରିତିହିଁ । ଏ ଲାଆହାଁ ମାଦି ମାଦି ଏ ରାକେଶି ଡପେନ ଜାନିକି ହାପାନାତା ହାଚେ ୱେସ୍ତେ ଜାନି କାଜାମାଣିସି ମୁମ୍ବ ସବୁ ଜାଣାତେରି ତାବୁହୁଁ କୃସାହା ନାଙ୍ଗେ ବଦକି ଲେଞ୍ଜୁ ପୁନିତାକି ପୂଜା ହିୟାତେଁ ମିନାୟୁଁ ସୁସ୍ତି ଆନେ । ପୂଜା ଜିନିଷ ଆତେ କୟୁ, ନାଡେଲି, ତାତିଙ୍ଗି, କପୁକିଲା, ମାଣ୍ଡିଆଗୁଣ୍ଡା, ଦେରୁ ଗୁଡାଗୁ, ହେଚି, ହାଙ୍ଗୁଣି କିହାନା ରାକେସି ବମା କିହାନା ନାୟୁଁତି ପେଜେଣି, ଜାନି, ଦିସାରା, ଗୁଲୁମାଇଁ ସବୁ ଜାଣା ପୂଜା କିୟାତେଁ ମିନାୟୁଁ ସୁସ୍ତି ଆନେ । ମିନାୟଁତି ଆରାନା କୁଲିଁ, ମାଣ୍ଡିଆ, କାଙ୍ଗା, ବାଲା, ବିରିହିଁ ସବୁ ବାରାସା ଏନେ, ନାୟୁ ରାହାଁନିଙ୍ଗା ମାନେ ନମ୍ବେରି ଦୁକା ଆଏ ।

ନାୟୁଁତି ଜାନିକି ଇଦା ୱେଣ୍ଡିତେ ହାପାନା କାତା ସବୁଜାଣା ନରକି ୱେସ୍ତେହିଁ । ସବୁ ଲୋକୁ ରାହାଁ ନିଙ୍ଗା ପୂଜା କିତେରି । ଏ ଦିନାଟିଏ ନାୟୁଁ ସୁସ୍ତି ହାତେ ଦୁକା ନମ୍ବେରି ହାଚେ । ଏ ଦିନାଟିଏ କୁଇ ରାକେସି ପୂଜା ଆତେ । ଏ ପୂଜା କିହାହିଲା ନାୟୁଁ ନମ୍ବେରି ଦୁକାପିଏ । ଆରାନା ବାରଷାଏ ଏ ।

□□□

# ରାକ୍ଷାସ ପୂଜା (କିମ୍ବଦନ୍ତୀ)

ପୂଜା ପାର୍ବଣ-୬

ପୂର୍ବ କାଳର କଥା । ଗୋଟେ ବଡ ଗ୍ରାମ ଥିଲା । ଗାଁରେ ସବୁବେଳେ ଭଲ ଫସଲ ହେଉଥିଲା । ଥରେ ବର୍ଷା ନ ହେବାରୁ ଭଲ ଫସଲ ହେଲା ନାହିଁ । ତେଣୁ ଗାଁର ପୂଜାରୀମାନେ ଦୁଃଖ କଲେ । ସମସ୍ତେ ପାଞ୍ଜି ଦେଖିଲେ କିନ୍ତୁ କିଛି ଫଳ ମିଳିଲା ନାହିଁ । ଗାଁର ସୁଖ ଶାନ୍ତି କିପରି ଫେରିଆସିବ ସେ ବିଷୟରେ ଭାବି ଭାବି ପୂଜାରୀ ଶୋଇ ପଡିଲା । ରାତିରେ ପୂଜାରୀକୁ ଗୋଟିଏ ରାକ୍ଷାସ ସ୍ୱପ୍ନରେ କହିଲେ ଯେ, ଗାଁରେ ସମସ୍ତେ ପଇସା ସଂଗ୍ରହ କରି ରାକ୍ଷାସର ମୂର୍ତ୍ତି ଗାଁରେ ତିଆରି କରି ପୂଜା କଲେ ଭଲ ଫସଲ ହେବ । ଏ କଥା ପୂଜାରୀ ସମସ୍ତଙ୍କୁ କହିଲା ଏବଂ ଗାଁର ମୁଖିଆ ଟଙ୍କା ପଇସା ସଂଗ୍ରହ କରି ନଡିଆ, କଦଳୀ, କାନ୍ଦୁଲ, କୁଲା, ବାଉଁଶ, ଧୂପକାଠି, ମାଣ୍ଡିଆ ଗୁଣ୍ଡ, ଟୋକେଇ ନେଇ ସମସ୍ତେ ରାକ୍ଷାସ ମୂର୍ତ୍ତି ତିଆରି କରି ପୂଜା କଲେ । ଏହି ପୂଜା ପ୍ରତି ବର୍ଷ କରାଯାଏ । ସେହି ଦିନଠାରୁ ଗାଁର ସବୁ ଫସଲ, ମାଣ୍ଡିଆ, ଧାନ, ବିରି, ମୁଗ, କାନ୍ଦୁଲ, ଶିମ୍ବ ଭଲ ହୁଏ ।

ସବୁଲୋକ ଗାଁରେ ଖୁସି ମନରେ ପୂଜା କଲେ ଏବଂ ସମସ୍ତଙ୍କର ଜ୍ୱର, ରୋଗ ଦୂରେଇଗଲା । ଏହି ପୂଜା ଯୋଉଁ ଗାଁ ଲୋକ କରନ୍ତି ନାହିଁ ସେହି ବର୍ଷ ଗାଁରେ ଭଲ ବର୍ଷା ହୁଏ ନାହିଁ କି ଭଲ ଫସଲ ହୁଏ ନାହିଁ ବୋଲି ବିଶ୍ୱାସ ଅଛି ।

□□□

# ୱେତା ଓ ଲେଞ୍ଜୁ ଭ୍ରାଣକି

ପୂର୍ବପୁତା ୱେତା ଅତେ ଲେଞ୍ଜୁ ଅତେ ତାୟି ତାଙ୍ଗି ରିଣ୍ଡି ଆଭିଁ ମାଛୁ । ୱେତା ସିଲାଆଁ ବେଶି ଶରମୀ ଆହାମାଛୁ କେ । ଲେଞ୍ଜୁମିଲାଆଁ ଜାକା ଜାରମୀ ଆତୁକେ । ଲେଞ୍ଜୁ ମିଲାଆଁ କାହିଲାତାକି ପଙ୍ଗାତା ହନବି ଇଞ୍ଜି ପାଙ୍ଗାତା ପାଣ୍ଡିତେକ ଲେଞ୍ଜୁମିଲଁ ପାଙ୍ଗାତା ହାଜେଲି ଆତାତୁକେ ।ତାମିଆୟାଇ ୱେସ୍ତେ ଆୟା ୱେତା ତଲଆଁ ବେଶି ଉଷମି କିହି ମାଞ୍ଜାନେରି ଏଦାଆଁ ତାକି ମାମ୍ଭୁ ପାଙ୍ଗାତା କାହିଲି ଆତି ହିଲବି ଇଛକେ ।ଲେଞ୍ଜୁ ଅଣପିତେ କେ ସତ କାଥା ୱେଭାମିଲାଆଁ ସବୁ ନିତିନୁ ଇଛେଏଁ ଯୁଗ ବୁତିଆ ୱାହା ହାନେ ଜୀବଜନ୍ତୁ କାଟିପଟା ଆମ୍ଭେ ନିତାୟାଉ ଇଞ୍ଜିୟାଁ ଅଣପି ନେକେ । ଲେଞ୍ଜୁ ମନ କିତେକେ ଇନି କିତେଏଁ ୱେତା ମିଲାଆଁ ପାୟିଲି ଆତିଇଁ ଇଞ୍ଜି ବୁଦ୍ଧି ପାରି ତେକେ । ତାନି ମିଲାଆଁ ଟପିଲି ମୁଛି କିହାନା ହାଛେକେ । ଗୁତିତା ରଙ୍ଗ ଗୁବା କତିତେକେ । ୱେତା ୱେଚେକେ, ନାନା ନି ଗୁତି ଏନି ଆହିଁ ନେତୁରି ଆହାଁନେ· ଏମ୍ବାଟିକେ ଲେଞ୍ଜୁ ୱେସ୍ତେକେ ବାବୁରେ ନାଆଁ ମିଲଆଁ ହାକି ହାକି ତାକି ରଣ୍ଡାଆଁ ରଣ୍ଡାଆଁ ଲାକା ଦିନମି ତିଞ୍ଜି ମାଇଁ ଇଛେକେ, ନିନୁ ପାକା ଏଲାକିଇଁ ତିନାମ୍ଭୁ, ମିଲାଆଁ ବେଶି ଆତେଃ ମାଙ୍ଗେ ତିଞ୍ଜିଲି ୨ମେତାଆଏ ଇଛେକେ । ଏମ୍ବାଟିଏ ଲେଞ୍ଜୁ କାଥା ଆସାନା । ୱେତା ଜାକା ତାନି ମିଲାଆଁ ରଣ୍ଡାଆଁ ରଣ୍ଡାଆଁ ଲକା ତିଞ୍ଜା ତୁକେ । ୱେତା ମିଲାଆଁ ସବୁ ରାହିଲିଏ ଲେଞ୍ଜୁ ତାନି ମିଲାଆଁ ଟପିଲି ଏକିତେକେ ଲେଞ୍ଜୁ ମିଲାଆଁ ମେସାନା ୱେତା ଲେଞ୍ଜୁଇ ୱେସ୍ତେ ନାଙ୍ଗେ ତିତିମ୍ଭି କିହା ମାଞ୍ଜାଦି । ନିଙ୍ଗ ନାନୁ ତିଞ୍ଜାଇଁ ଇଚେକେ ଅତେ ପୁନି ତାକି ଲେଞ୍ଜୁ

ୱେତା ଗୁହୁସ୍ତେକୋ ଲେଞ୍ଜୁ ୱେତା ପୁଦିଜିରୁ ହତେକେ । ଏମ୍ବାଟିଏ ଲେଞ୍ଜୁ ଜାକା ହଛାନା କାରିବି ଆତେକେ । ନିଙ୍ଗ ଜାକା ଗୁହୁସ୍ତା ଇଞ୍ଜି ୱେତାଆଁ ୱେସ୍ତେକେ । କାତକି ତାକି ନିଙ୍ଗ ଯାକା ଗୁସ୍ତାଇଁ ଇଛେ, କାତକ ତାକି ଲେଞ୍ଜୁ ୱେତାଆଁ ଗୁସ୍ତେକେ । ଏ ଦିନାଟିଏ ଲେଞ୍ଜୁ ଅତେ ୱେତା ଗୁସୁପି ଆନୁକେ ।

□□□

# ସୂର୍ଯ୍ୟ ପରାଗ ଓ ଚନ୍ଦ୍ରଗ୍ରହଣ

ଲୋକକଥା-୨୧

ବହୁ ପୁରାତନ କାଳରେ ସୂର୍ଯ୍ୟ ଓ ଚନ୍ଦ୍ର ଭାଇ ଭଉଣୀ ପରି ରହୁଥିଲେ । ସୂର୍ଯ୍ୟର ମଧ୍ୟ ଅନେକ ସନ୍ତାନ ଥିଲେ । ପରେ ଚନ୍ଦ୍ରର ସନ୍ତାନ ମଧ୍ୟ ହେଲେ । ଚନ୍ଦ୍ରର ପିଲାମାନେ ଖେଳିବାକୁ ପଦାକୁ ଯିବୁ ବୋଲି ତାଙ୍କ ମାଁକୁ କହିଲେ । ଚନ୍ଦ୍ର ଖେଳି ଯାଅ ବୋଲି କହିଲା । ପଦାରେ ସୂର୍ଯ୍ୟଙ୍କର ପିଲାମାନେ ଥିବାରୁ ଚନ୍ଦ୍ରର ପିଲାମାନେ ପଦାକୁ ବାହାରି ପାରିଲେ ନାହିଁ । ଏ ଖବର ତାଙ୍କ ମାଁଙ୍କୁ ଯାଇ ଚନ୍ଦ୍ର ପିଲାମାନେ କହିଲେ । ସୂର୍ଯ୍ୟ ପିଲାମାନେ ଗରମ ନେଉଛନ୍ତି । ସତ କଥା ସୂର୍ଯ୍ୟ ପିଲାମାନେ ଯଦି ସମସ୍ତେ ବଞ୍ଚିବେ ତେବେ ଯୁଗ ବୁଡିଯିବ । ଜୀବଜନ୍ତୁ କୌଣସି ଆଉ ବଞ୍ଚି ରହି ପାରିବେ ନାହିଁ । ତେଣୁ ଚନ୍ଦ୍ର ଚିନ୍ତା କଲା କେମିତି କଲେ ସୂର୍ଯ୍ୟ ପିଲାମାନଙ୍କୁ ମାରି ପାରିବ ଚନ୍ଦ୍ର ମନରେ ଗୋଟିଏ ବୁଦ୍ଧି ଜୁଟିଲା । ସେ ତାଙ୍କର ପିଲାମାନଙ୍କୁ ଝୁଡି ଘୋଡା ଦେଇ ସେ ନିଜେ ତାର ପାଟିରେ ରଙ୍ଗ ବଳି ଦେଇ ସୂର୍ଯ୍ୟ ପାଖକୁ ଗଲା । ଚନ୍ଦ୍ରର ପାଟି ରଙ୍ଗ ହୋଇ ଥିବାର ଦେଖି ସୂର୍ଯ୍ୟ ଚନ୍ଦ୍ରକୁ ପଚାରିଲା । ତୋର ପାଟି କଣ ପାଇଁ ରଙ୍ଗ ହୋଇଛି । ସେଥିରୁ ଚନ୍ଦ୍ର କହିଲା, ମୋର ପିଲାମାନଙ୍କୁ ସବୁ ଖାଇଦେଲି । ସୂର୍ଯ୍ୟ କହିଲା ମୋତେ ମଧ୍ୟ ଭୁକ ଲାଗୁଛି । କିନ୍ତୁ ନିଜ ପିଲାମାନଙ୍କୁ କେମିତି ଖାଇବି ? ଚନ୍ଦ୍ର କହିଲା ମୋର କଥା ମାନ ନହେଲେ ତୋର ଅବସ୍ଥା ବଡ ସାଙ୍ଘାତିକ ହେବ । ଏମାନେ ସମସ୍ତେ ବଡ ହେଲେ ତୋତେ ଆହୁରି ଅଧିକ ଅସୁବିଧା ଭୋଗିବାକୁ ପଡିବ । ତେଣୁ ଚନ୍ଦ୍ର କଥା ମାନି ସୂର୍ଯ୍ୟ ତାଙ୍କ ନିଜର ପିଲାମାନଙ୍କୁ ସବୁ ଗୋଟି

ଗୋଟି କରି ଖାଇଦେଲା । ତା ପରେ ଚନ୍ଦ୍ର ତାଙ୍କ ପିଲାମାନଙ୍କୁ ବାହାରକୁ ଛାଡିଦେଲା । ଏହା ଦେଖି ସୂର୍ଯ୍ୟ ରାଗି ଗଲା ଆଉ କହିଲା ତୋତେ ମୁଁ ମଧ୍ୟ ଖାଇବି । ଚନ୍ଦ୍ର ସୂର୍ଯ୍ୟକୁ ତୁ ମୋତେ କହିଲା ପାଟିଆଡରୁ ଖାଇଲେ ମୁଁ ଗାଣ୍ଡି ପଟେ ବାହାରିବି ଆଉ ତୋତେ ମଧ୍ୟ ଖାଇବି । ସେବେଠାରୁ ଚନ୍ଦ୍ର ସୂର୍ଯ୍ୟକୁ ଓ ସୂର୍ଯ୍ୟ ଚନ୍ଦ୍ରକୁ ଖାଇବାର ଲୋକ କଥା ରହିଛି। ଯାହାକୁ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ କୁହାଯାଏ ।

□□□

# ହୁକା ଏନତାକି ଲାଏଁ ହନୁ

ପୂର୍ବା ୱେତା ଲେଞ୍ଜୁ ରି ତାଙ୍ଗି ମାଚୁ ୱେତାଇ ଇଚର ବଦାମିଲାଁ ମାଚୁ । ଲେଞ୍ଜୁ ୱା ଅଦିକା ପଦାମିଲା ମାଚୁ । ର ହିନା ଲେଞ୍ଜୁ ଅଣପିତେ ଯଦି ୱେତା ପଦା ଅଦିକା ମାଚେ ନର ବୁଇଂ ଉଷୁମି ତାକି ହାୟା ହାନାରି, ଏଦି ଅଣପାନା ଲେଞ୍ଜୁ ମିଦିତା ପାନା ମାରିତି ପାଲା ଦିଞ୍ଜାନା ଗୁଟି ରଙ୍ଗ ରଙ୍ଗ କିୟାନା ହାଚେ । ୱେଣ୍ଡେଁ ନା ପଦାମିଲାଁନି ହେବେଇଁ ଦିଞ୍ଜାତୁତାନୁ । ଏଦାଆଁ ତାକିଏଦେଣି ଗୁଟି ରଙ୍ଗ ଆହାନେ । ମାତ୍ର ଲେଞ୍ଜୁ ତାନି ପଦାଣି ତାଙ୍ଗିରି ମୁଚେକି ଆସେ । ୱେତା ହେଚେଁ ଲେଞ୍ଜୁ ପଦାଣି ଦିଞ୍ଜାତୁତେ । ସତ ଅଣପନା ୱେତା ଦିନା ର ପଦାଏଁ ଗୁହାତୁତେ । ଏହେଁକି ହେବେଦି ପଦାଣି ତୁଞ୍ଜାତିତେ । ଏମ୍ବାଟି ଲେଞ୍ଜୁ ତାଙ୍ଗିରି ଏକ୍‌ହ ତୁତେ । ୱେତା ଅଣପିତେ ନି ପଦାଣିଇ ତୁଞ୍ଜାତୁଇଁ । ଏଦାତାକି ହୁକାଁ ଲାଏଁ ଦେ ହନୁ ।

□□□

# ତାରା କାହିଁକି ରାତିରେ ଦେଖାଯାଏ

ଲୋକକଥା-୨୨

ପୂର୍ବ କାଳରେ ସୂର୍ଯ୍ୟ ଓ ଚନ୍ଦ୍ର ଦୁଇ ଭଉଣୀ ଥିଲେ । ସୂର୍ଯ୍ୟର ବହୁତ ପିଲାଛୁଆ ଥିଲେ । ଚନ୍ଦ୍ରର ମଧ୍ୟ ତାଠାରୁ ଅଧିକ ପିଲାଛୁଆ ଥିଲେ । ଦିନେ ଚନ୍ଦ୍ର ଭାବିଲା, ଯଦି ସୂର୍ଯ୍ୟର ପିଲାମାନେ ବଡ ହୋଇ ଯିବେ, ତାହେଲେ ମନୁଷ୍ୟମାନେ ଗରମରେ ମରିଯିବେ । ଏହାଭାବି ଚନ୍ଦ୍ର ପାଟିରେ ପାନଗଛର ପତ୍ର ଚୋବେଇ ପାଟି ରଙ୍ଗ ରଙ୍ଗ (ଲାଲ୍)କରି ଆସିଲା ଓ କହିଲା, ମୁଁ ମୋର ସବୁ ପିଲାମାନଙ୍କୁ ଖାଇଦେଲି । ସୂର୍ଯ୍ୟ ଦେଖିଲେ ତା ପାଟି ଲାଲ୍ ହୋଇଛି । କିନ୍ତୁ ଚନ୍ଦ୍ରତାର ପିଲାମାନଙ୍କୁ ଡଙ୍ଗାରେ ଘୋଡେଇ ଦେଇ ଆସିଥିଲା । ସୂର୍ଯ୍ୟ ଭାବିଲା ଚନ୍ଦ୍ର ତା ପିଲାମାନଙ୍କୁ ଖାଇ ଦେଇଛି । ଏଣୁ ସତ ବୋଲି ଭାବି ଦିନେ ସୂର୍ଯ୍ୟ ତା ପିଲାମାନଙ୍କୁ ଗିଳି ଦେଲା । ଏତିକିବେଳେ ଚନ୍ଦ୍ର ଡାଙ୍ଗାରା ଖୋଲିଦେଲା । ସୂର୍ଯ୍ୟ କହିଲା ମୁଁ ତୋର ପିଲାମାନଙ୍କୁ ଖାଇଦେବି । ସେଥିପାଇଁ ତାରାମାନେ ଦିନରେ ଦେଖାଯାଆନ୍ତି ନାହିଁ, ଚନ୍ଦ୍ର ତାର ପିଲାମାନଙ୍କୁ ସୂର୍ଯ୍ୟଙ୍କଠାରୁ ଲୁଚେଇ ରଖିଲା । ଫଳରେ ତାରାମାନେ ଦିନରେ ଦେଖାଯାଆନ୍ତି ନାହିଁ - ରାତିରେ ଦେଖାଯାଆନ୍ତି ।

□□□

# ମୁସ୍କାଲୋକୁ ଦାନୀଲୋକୁ ଆତିଁ

ର ନାୟୁଁତା ର ସାଲାକି ଲୋକୁ ମାଚିଁ । ଏୱାଇଁ ବେଶି ମସ୍କା ମାଚିଁ । ଦରୁ ବାର୍ସୁ ମାଝି । ଏୱାଇଁ ଏଚର ଟାକାଁ ତାତେଁ । ହେବେ ଟାକା କୁଚିଁ ହିଆନା ଇଟାନା । ମିଲଆଁଲା ପୁଟା ଘାଣ୍ଟା ଘାଣ୍ଟା ପ୍ରାତାନା କିନେସି । ଅତେ ୱେହେନେ ଲାକ୍ଷ୍ମୀତାଲି ନାଙ୍ଗେ ସବୁବେଲା ଇଲ୍‌କେଁ ଟାକାଁ ହିୟାସୁ । ଏନି ପୁଜାତା ଯାକା ରଟେକାଁ ଅତେ କାର୍ଚୁ କିଏ । ଟାକାଁ ୱିସ୍ତେ ଏମ୍ବାରିକି ର ଟାକାୱା ହିଏସି । ର ଦିନା ର ବାବାଜୀ ଏୱାସି ଇଲୁତା ୱାତିଁ ବାବାଜୀ ସୁନା ସତୱା ଏୱାଣାକି ହିୟାନା ୱେସ୍ଥିଁ । ଇ ସାତୱା ନାଙ୍ଗେ ଅରଜନ୍ମତା ହିଆମୁ । ଇ କାତା ୱେଞ୍ଜାନା ମୁସ୍କାଲୋକୁ ୱେସ୍ତେଁ ଇ ସାତୁୱା ନାନୁ ହାଇମାନାଟି ଅହେଲି ଆତିକିଁ । ଜେଏଟି ବାବାଜି ୱେସ୍ତେନିଉ ଇଚର ଟାକାଁ ଇଟାଞ୍ଜି । ଇଟାକାଁ ସବୁ ଅହେଲି ଆତିଦିକି ? ଇକାତା ମୁସ୍କାଲୋକୁ ମନତା ୱାତେ । ଏ ଦିନାଟିଏ ଇଟାନା ଟାକାଁ ହେବେଏଁ । ନେହି କାମତା ଲଗ କିତିଁ । ଏମ୍ବିରିକି ଲୋକୁ ମୁସ୍କା ଇଞ୍ଜିଚେରୀ ଏୱାଣିଇ ସବୁଲୋକୁ ରାହାଁ ଆତେରୀ ।

□□□

# କୃପଣ ହେଲା ଦାନୀ

ଲୋକକଥା-୨୩

ଗୋଟିଏ ଗ୍ରାମରେ ଜଣେ ଚାଲାକ ଲୋକ ଥିଲା । ସେ ଭାରୀ କୃପଣ । ତାର ବାର୍ସୁ ମାଝି । ସେ ଯେତେ ଟଙ୍କା ରୋଜଗାର କରେ, ସେଗୁଡିକୁ ତାଲା ପକେଇ ରଖେ । ସନ୍ଧ୍ୟା ବେଳେ ଘଣ୍ଟା ଘଣ୍ଟା ଧରି ପ୍ରାର୍ଥନା କରେ, ଆଉ କହେ, ହେ ମହାଲକ୍ଷ୍ମୀ ମୋତେ ଏମିତି ଦେଉଥା ।କୌଣସି ପୂଜାରେ ପଇସାଟିବି ଖର୍ଚ୍ଚ କରେ ନାହିଁ । ଟଙ୍କା ମାଗିଲେ କାହାକୁ ଟଙ୍କା ଟିଏବି ଦିଏ ନାହିଁ । ଦିନେ ଜଣେ ବାବାଜୀ ତାଙ୍କ ଘରକୁ ଆସିଲା । ସେ ତାକୁ ଗୋଟିଏ ସୁନାର ଥାଳିଦେଇ କହିଲେ, ଏ ଥାଳିଟି ମୋତେ ଆର ଜନ୍ମରେ ଫେରେଇବୁ । ଏହା ଶୁଣି ସେ କୃପଣ ଲୋକଟି କହିଲା, ଏ ଥାଳିଟିକୁ ମୁଁ କଣ ମଲାବେଳେ ନେଇଯାଇ ପାରିବି କି । ବାବାଜୀ ଜଣକ କହିଲେ ତୁମେ ଯେଉଁ ଟଙ୍କା ପଇସା ରଖିଛ ତାକୁ କଣ ସାଙ୍ଗରେ ନେଇଯିବ । କଥାଟି କୃପଣ ଲୋକର ମନକୁ ପାଇଲା । ସେ ସେହିଦିନଠାରୁ ସଞ୍ଚୟ କରିଥିବା ଟଙ୍କାତକ ଭଲ କାମରେ ଲଗେଇଲା । ଯାହାକୁ ଦିନେ ଲୋକମାନେ କୃପଣ ଲୋକ ବୋଲି କହି ପାଖରେ ବସାଉ ନ ଥିଲେ, ତାକୁ ଦାନୀ ବୋଲି କହି ପ୍ରଶଂସା କରିବାରେ ଲାଗିଲେ ।

□□□

# ପୁନି ଜାଗା ସୃଷ୍ଟି ଲୋକକଥା

ର ନାୟିଁତା ସାତ ଜାଣା ତାଇ ଅତେର ଢାଙ୍ଗି ମାଚେ । ସାତ ଜାଣା ତାଇଁ ବେଟା କିଆଲି ଜାତାତା ହାଚେରି । ବେଟାତା ଆନାଇ ମେତା ଆଆତେ । କାଜାତାଇ ୱାଆନା ତାନି ତକିରିନି ୱେସ୍ତେସି । ଅରଦିନା ବେଟା କିହ ଲିତାକିଏ ସୁହୁହାଜାମାନି କ୍ରୁହୁ ପାଟେରି । ସୁହୁ ହାଜାମାନି କ୍ରୁହୁଁତି ପାୟଲି ହାଜାଲିଇ ଏଦାନି ବାଣ୍ଡିତଇ ମାଚି ମିଲା । ୱେସ୍ତେ ମିରୁ ନାଙ୍ଗେ ପାଇତେଁ ନାନୁଜାକା ମିଙ୍ଗେ ପାଇତାଇଁ । ସାତା ଜାଣା ତାଇ କ୍ରୁହୁଁତି ସାତଦିନା ଅତେ ସାତାଲାଁ କାପୁ କାତେରି କ୍ରୁହୁଁ ବାଣ୍ଡିତକି ମାଚି ମିଲା ୱେସ୍ତେଇ ତାଗାରା ଇମିନି ଲେକାମାରା ମାନେ ନାନୁ ଏତଇ ମିଙ୍ଗେ ତାକି ଇଲୁ କିହାମାଇନି ମିରୁ ସାତତାଇ ଅତେତାଙ୍ଗି ଏଦାନି ତଇ ତିରା ଆଦୁଇଞ୍ଜି ୱେସ୍ତେ । ଏମ୍ବାଆ ତିରା ଆଆ ତେରି । ଉଣାତାଇ ଅତେତାଙ୍ଗି ରଣ୍ଡି କ୍ରୁହୁଁ କାତା ୱେନାହାଁ ଏମ୍ବାଆ ତିରାଆତୁ । ଉଣା ତାଇର ଢାଙ୍ଗିତାମି ତାଇହି ଟିଟି ତାମି ବାଟାନାହା ଲେକା ମାରା ତଇ ଇଟାନା ତାଲମି କିତୁ । ଉଣାତାଇ ଅତେ ତାଙ୍ଗି ସୁକମିତାଇ ତିରା ଆତୁରଦବା ଭୂମି ପୁତିକିତେ ଗାଲି କାତାତା ଏଇ ୱାତୁ କାଜା ପିୟୁ ୱାତେ ସାରି ୱାତି ଏୟୁ ନେଞ୍ଜାହାଚୁ, ଏଦାତାଇ ସବୁ ଜାତାଜନ୍ତୁ ହାୟା ହାଚୁ । ମାତ୍ର ଲେକା ମାରା ଆନାଆ ଆଆତେ । ସବେ ଜାଣା ହାହାଚେରି ଏମ୍ବାଟିଇ ମାହାପୁରୁ ଆତେ । ସବେ ଜାଣା ହାହାଚେରି ଏମ୍ବାଟିଇ ମହାପୁରୁ ପୂଜା ପାଣ୍ ଆତେ । ଏମ୍ବାଟିଇ ମହାପୁରୁ ଗରୁଡ ପଟାତି ପାଣ୍ଡିତେସି ଦୀପମି ଧୂପ, ବଗୁତାକି ଗରୁଡ ପଟା ଆନା

ପାଣଆ ନାହାଁ ୱେଣ୍ଡା ୱାତେ । ଏମ୍ବାଟିଇ ମହାପୁରୁ କାୱାତି ପାଣ୍ଡିତେସି କାୱା ଲେକା ମାରୁନୁ ଲାଗଟୁ ବାୟୁଁ ମେସ୍ତେ । ଅତେ ଜୁଟା ଆକା ପାଟେ । କାୱା ଜୁଟାଆକୁ ଆସାନା ମାହାପୁରୁ ଡାଗାରା ହାଚେ । ମହାପୁରୁ ଅଣପିତେସିଇ ନର ନାରୁତୁ ହିଲା ଜାଗାତ । ଜୁଟାଆକୁ ଇମ୍ବିଟି ୱାତେ କାୱା କାତା ବିଶ୍ବାସା କିଆ ନାହା ମହାପୁରୁ କମଲାଟଣ୍ଡା ଡାଗାରା ମାନି ଲେକା ମାରୁନୁ ଡାଗାରା ହାଚେସି । ମହାପୁରୁ ବୁଢୀ ମୂର୍ତି ଆହାନାହାଁ ଲେକା ମରାନୁତି ଇରାଦାଲିଇ ଦାରା ଦେଚା ହାଚେ । ମହାପୁରୁ ୱେଚେସି ମିରୁ ରିଆ ତେରି ଆନାଆଁ ଆହୁ ଆଦେରି । ୱିଇ ୱେସ୍ତୁ । ମାମ୍ଭୁ ତାଇ ତାଙ୍ଗି । ୱେଣ୍ଟେ ୱେଣ୍ଟେ ୱେଚି ଜାକାଲା ଏକାତେଏଁ ୱେସ୍ତ । ଏମ୍ବାଟିଇ ରିଣ୍ଡା ସାକାନି ପାଗଲ କିତେସି । ଏମ୍ବାଟିଇ ତାଇତାଙ୍ଗି ପୁଣ୍ ମିଆ ଆତୁ ।ତାଇ ତାଙ୍ଗିନି ତକିରି ତକରା କିୱି କିତେସି । ଏମ୍ବାଟିଇ ଏୱାସାକ୍ ବାଣ୍ଡିତା ଲୋକୁ ବାଗା ଜାରାମା ଆତେରି ଏମ୍ବାଟିଇ ମହ୍ପୁରୁ ପୂଜା ପାଟେ । ବିନ୍ନ ବିନ୍ନ ଜାତି ଆତେରି । ଅତେ ଲୋକୁ ଜାକା ମହାପୁରୁକି ପୂଜା କିତେରି ।

□□□

# ସୃଷ୍ଟିର ଆରମ୍ଭ

ଲୋକକଥା-୨୪

ଗୋଟିଏ ଗାଁରେ ସାତ ଭାଇ ଗୋଟିଏ ଭଉଣୀ ବାସ କରୁଥିଲେ । ସାତ ଭାଇ ଶିକାର କରିବା ପାଇଁ ବଣକୁ ଗଲେ କୌଣସି ଶିକାର ମିଳିଲା ନାହିଁ । ବଡ ଭାଇ ଆସି ତା ସ୍ତ୍ରୀକୁ କହିଲା ।ଦ୍ୱିତୀୟ ଥର ଶିକାର କରି ଯିବାରୁ ଏକ ଗର୍ଭବତୀ କୁଟୁରା ପାଇଲେ । ଗର୍ଭବତୀ କୁଟୁରା କୁ ମାରିବାକୁ ଯିବାରୁ ତା ଗର୍ଭରେ ଥିବା ପିଲାଟି କହିଲା । ତୁମେ ମୋତେ ମାରିଲେ ମୁଁବି ତୁମକୁ ମାରିଦେବି । ସାତଭାଇ କୁଟୁରାଟିକୁ ସାତ ଦିନ ଓ ସାତରାତି ଜଗିକରି ରହିଲେ । କୁଟୁରା ଗର୍ଭରେ ଥିବା ଶିଶୁଟି କହିଲା; ଏହି ପାଖରେ ଯେଉଁ ଶିମିଳି ଗଛ ଅଛି, ମୁଁ ତା ଭିତରେ ତୁମ ପାଇଁ ଘର କରିଛି । ତୁମେ ସାତ ଭାଇ ଓ ଭଉଣୀ ତା ଭିତରେ ରୁହ । କିନ୍ତୁ ସେମାନେ ରହିଲେ ନାହିଁ । ସାନ ଭାଇ ଓ ଭଉଣୀ କୁଟୁରା କାଥା ମାନି ସେଠାରେ ରହିଲେ ସାନ ଭାଇ ଓ ଭଉଣୀ ଅନ୍ୟ ଭାଇମାନଙ୍କ ଠାରୁ ଧନ ସମ୍ପତ୍ତି ଭାଗ କରି ଆଣି ଶିମିଳି ଗଛ ଭିତରେ ରଖି ଚାବି ପକାଇଲେ । ଦୁହେଁ ଭାଇ ଓ ଭଉଣୀ ସୁଖରେ କାଳ କଟାଇଲେ । ଥରେ ପୃଥିବୀ ସାରା ପ୍ରଳୟଙ୍କର ବାତ୍ୟା ବନ୍ୟା ବିଜୁଳି ବର୍ଷାରେ ଚାରିଆଡେ ଜଳମଗ୍ନ ହୋଇଗଲା । ତା ଦ୍ୱାରା ସମସ୍ତ ଜୀବଜଗତ ଧ୍ୱଂସ ପାଇଗଲା । କିନ୍ତୁ ଶିମିଳି ଗଛର କିଛି ହେଲା ନାହିଁ । ସୃଷ୍ଟିର ସମସ୍ତେ ଧ୍ୱଂସ ହେଲା ପରେ ଭଗବାନ ଧୂପ, ଦୀପ, ଭୋଗ ପାଇଁ ଗରୁଡ ପକ୍ଷୀକୁ ପଠାଇଲେ ଗରୁଡ ପକ୍ଷୀ କିଛି ନ ପାଇ ଫେରିଗଲା । ତାପରେ ଭଗବାନ କାଉକୁ ପଠାଇଲେ । କାଉ ସେ

ଶିମିଳି ଗଛ ଉପରୁ ଧୂଆଁ ଦେଖିଲା ଓ ଅଇଁଠା ପତ୍ର ସେଠାରୁ ପାଇଲା । କାଉ ଅଇଁଠା ପତ୍ରକୁ ଗୋଟାଇ ନେଇ ଭଗବାନଙ୍କୁ ଦେଲା । ଭଗବାନ ଚିନ୍ତାକଲେ ଏ ଜନବିରଳ ପୃଥିବୀରେ ଅଇଁଠା ପତ୍ର କେଉଁଠୁ ଆସିଲା । କାଉର କଥାକୁ ବିଶ୍ୱାସ ନ କରି ଭଗବାନ କମଳା ତୋଟା ପାଖରେ ଥିବା ଶିମିଳି ଗଛ ମୂଳକୁ ଗଲେ । ଭଗବାନ ବୁଢୀରୂପ ଧାରଣ କରି ଶିମିଳି ଗଛକୁ ବାଡାନ୍ତେ ଶିମିଳି ଗଛରେ ଥିବା ଘରର କବାଟ ଖୋଲିଗଲା । ଭଗବାନ ପଚାରିଲେ ତୁମେ ଦୁଇ ଜଣ କଣ ହେବ ? ସେ ଉତ୍ତର ଦେଲେ ଭାଇ ଭଉଣୀ । ଭଗବାନ ବାରମ୍ବାର ଏହି ପ୍ରଶ୍ନ ପଚାରି ଭାଇ ଭଉଣୀକୁ ପାଗଳ କରି ଦେଲେ । ତା ପରେ ଭଗବାନ ସୃଷ୍ଟି ରକ୍ଷା ନିମନ୍ତେ ସେ ଭାଇ ଭଉଣୀକୁ ସ୍ୱାମୀ ଓ ସ୍ତ୍ରୀ ରୂପରେ ପ୍ରମାଣଇତ କଲେ । ତାଙ୍କ ଗର୍ଭରୁ ଜୀବଜଗତ ସୃଷ୍ଟି ହେଲା । ସେତେବେଳେ ଭଗବାନ ଲୋକମାନଙ୍କୁ ବିଭିନ୍ନ ଜାତିରେ ପରିଣତ କଲେ । ତାପରେ ଲୋକମାନେ ଭଗବାନଙ୍କୁ ପୂଜା କଲେ ।

□□□

# ନାୟୁଁ ଗାଟିନଏ (କିମ୍ବଦନ୍ତି)

ନକେ ଏଁ ନାୟୁଁତି ରହଲେସି ସଦଗଟା କୁରିକେପି ନେସି । ଏ ଦିନା ନାୟୁଁତି ସବେ ଲୋକୁ ହରୁ, ନେଲା ଅଡେ ପାଇକା ମାତାକି ହାଲେଏରି । ବାରେଜାଣା ନାୟୁଁତା ତିରା ଆ ନେରି ଡିହାରା ସଗୁଡାଇ ନାୟୁଁତି ସାରିବାଡି ପାରା ପାକା ଲାଗାର ତଅ ଡିହରା ଡାଇ ପାରା ପାକାତା ପୂଜା ଆନେ । ପୂଜା ତା. ପାଜି ଅଡେ କୟୁ ଡାଇ ପୂଜା ଆନେ ।ନାୟୁଁ ସାରିବାଡି କେପମାନେ କୁଟୁହିଁ ରି ଏରି ଆସାନା ସାରିବାଡି ମାନି ପାରାପାକା ଲାଗା ତିରା ଆନେରି । ପୂଜା ରାତିସାରି ଏମ୍ବା ପାଢଏଲିକାୟା ଅଡେ ଜାଣା ବିଡ୍‌ନେରି । ଏମିନି ହାବଦା ସାରିବାଡି ୱେନେଇ । ହାବଦା ୱେଚିସାରି ସାରିବାଡି ସାନି ପାରାପାକାତା କୁଟି ୱେନେରି । ପାରପକା ଏୟୁ ଲେହେ ଆନେ ଅଡେ ପାରାପାକଡକି ରଦାବେଏ ହତାଡୁନେ । ପାରାପାକା ଲାଗାମାନି ଲକୁ ପୂଜା ଜାଗାତା ୱାନେରି । ଏମ୍ବା ଆ ପୂଜା ବଗୁ ତିନେରି । ପୂଜା ବଗୁ ହାରା ମାନେଇ ଇଜତା ଆହାନି ଏମ୍ବାନା ୱାଖାନା ୱେନେରି । ଯେ ଆଁ ଏୱାରି ବାରେ ଏ ପେନୁ ମାହାଣି ନାକି କାଡୁ ବୁଟୁ ହିଆନା ମାହାଁଣି ଅଡେ ପେଣ କାନାକି ଗାଟାନାଆଁ ନାୟୁଁ ତା ୱାୟାତୁ ନେରି ।

□□□

# ଗାଁ ବନ୍ଧନ

ପ୍ରଥମେ ଗାଁର ମୂଳି ଉପାସ ରହି ୧୪ଟି ମେଖ ତିଆରି କରିବେ । ସେଦିନ ଗାଁରେ କେହି ଲୋକ ଡଙ୍ଗର, ପାହାଡ ଓ ଅନ୍ୟ କାମକୁ ଯିବେ ନାହିଁ, ସମସ୍ତେ ଗାଁରେ ରହିବେ । ଦିଶାରିର ଯୋଗନୁସରେ ଗାଁର ଚାରିଦିଗରେ ପଥରର ଚାଅତା ଉପରେ ଗୋଟିଏ ଜାଗାରେ ଦିଶାରି ଦ୍ୱାରା ଚାଅତା ମୁଣ୍ଡରେ ପୂଜା ହେବ । ପୂଜାରେ ଘୁଷୁରି ଓ କୁକୁଡା ଦ୍ୱାରା ପୂଜା ହେବ । ଗାଁର ଚାରିଦିଗରେ ତିଆରି ହୋଇଥିବା କଣ୍ଟାକୁ ଦୁଇଜଣ ଧରି ଚାରିଦିଗରେ ଥିବା ଚାଅତାଉପରେ ଯାଇ ରହିବେ । ପୂଜା ଅର୍ଚ୍ଚନା ହେବାପରେ ସେଠାରେ ବୋମା ବା ବନ୍ଧୁକ ଫୁଟାଇବେ । ଯାହାର ଶବ୍ଦ ଚାରିଦିଗରେ ଶୁଭିବ । ଶବ୍ଦ ଶୁଭିଲା ପରେ ଚାରିଦିଗରେ ଥିବା ପଥର ଚାଅତା ଉପରେ କଣ୍ଟା ମାରିବେ । ପଥର ଚାଅତାଟି ପାଣି ଭଳିଆ ହୋଇଯିବ ଏବଂ କଣ୍ଟାଟି ଭିତରକୁ ଏକାଥରକେ ମନକୁ ମନ ପଶିଯିବ । ଚାଅତା ଉପରେ ଥିବା ଲୋକ ପୂଜା ଜାଗାକୁ ଆସିବେ ଏବଂ ପୂଜା ଉପକରଣ ସେଠାରେ ଖାଇବେ । ବଳକା ପୂଜା ଉପକରଣ ଗାଁକୁ ନ ଆଣି ସେଠାରେ ପକାଇଦେବେ । ଶେଷରେ ଏମାନେ ପ୍ରତି ଦେବାଦେବୀଙ୍କୁ ମଦ ଠୋପାରେ (ଇଶ୍ୱଙ୍କ ବୁଦ୍ଧା)ଦେଇ ତୁମ୍ବା ଦେବତା ମାନଙ୍କୁ ବନ୍ଧନ କରି ଗାଁ କୁ ପଳାଇ ଆସିବେ ।

□□□

# ମାୟାତଲୁ (ଲୋକକଥା)

ର ରାଜା ମାଚି । ତାଙ୍ଗେ ସାତ ଗଟା ପଦାଁ ମାଚୁଁ । ଏୱାଣି ସବୁତାକି ପଦା ବେଶି ସାଲାକି ମାଚେ । ରାଜାର ଦିନା ସାତ ଜଣା ପଦାୟାଁ ହାଟାନାୱେଚି । ନାଙ୍ଗେ ୱେସ୍ତାତୁ ସବୁ ଲୋକୁ କର୍ମ ସମାନ କି ବିନେ ବିନେ । ସଅ ଜାଣା ପଦା ୱେସ୍ତୁ ସବୁଜଣା କର୍ମ ସମାନି ମାତର ସବୁତାକି ମିଲାପଦା ୱେସ୍ତେ ସବୁ ଜାଣା କର୍ମ ସମାନି ଆଏ । ରାଜା ସହ ଜଣା ପଦାୟୁ ହିଁକି ହନେତିକି ବିହାକିତିଁ ମାତର ମିଲାପଦା ବେଶି ସାଲାକି ତାକି, ଇଞ୍ଜି ହାନିଁର ବୁଢାତାକି ବିହାକିତିଁ । ଏବୁଢା ମାଚିରଇଁ ମାୟାତଲୁ ତ୍ରୁଜାନି ରାଜା । ସଅ ଜାଣା ପଦାଁ ତା ହନେଁ ତାଗି ହିନିକେଁ ରାଜ ଇଲୁତା ଦେବା ଆତୁ । ରାଜା ମିଲା ପଦା ତାକିର କମାରିଣିପିଇଁ ପାଣ୍ଡିତିଁ । କମାରାଣି ଏ ମିଲା ପଦା ଇଅତେ ବା ଆହିତେଁ । ଠିକ୍‌ବାର ଘଣ୍ଟାତାକି । ମାୟାତଲୁ ତ ଯାନି ବୁଢା ତା ନିଜ ରୂପ ତସ୍ତିଁ । ଏ ବୋଲାତା କାମାରାଣି ଏ ବୁଢା ରୂପପି ସାନା ନେହିଁ ଆତାନିରାଜା ରୂପ ହେଣ୍ଡେଲି ପାଟେ । ଏମ୍ଭିଅକି ଗୋତାତା ଏଗାନା ରେଜିଞ୍ଜିଁ । ଏକାମାରାଣି ଏ ବିଚିତ୍ର କାଥାଇ ମିଲାପଦାଇ ୱେସ୍ତେ । ଏ ବେଲାତା ମିନଇ ତେଗେଁ ବାୟଁ ପାରୁବୁ ତାକିଁତେଁ । ମିଲାପଦା ମାୟାତଲୁଜାଲ ହେଣ୍ଡିଲି ତାକିଁ ସାଲାକି କିହାନା ପାରୁବୁ ହେଣ୍ଡେଲି ହାନ ଇଞ୍ଜି ୱେସ୍ତେ । ମାୟା ତଲୁ ବୁଢା ପାରୁବୁ ହେଙ୍ଗାନାଇଞ୍ଜି ୱେସ୍ତେଁ । ମାତର ମିଲାପଦା ହେଣ୍ଡେଲେ ହାନା ଗୁଟାଏ ଢୁଗାତୁତେ । ଏଚି ବେଲା ମାୟତି ସମୟ ୱାତେ, ମାୟା ଗଢା ତଲୁ ତ୍ରୁହାନି ତା ନିଜ ରାଜା ରୂପ ତସ୍ତିଁ ।

ମିଲାପଦା ଏ ରୁପଇ ମେସାନା ବେଶି ରାହଁ ଆତେ । ମିଲାପଦା ନକେ ତଲେଁ ପାରୁବୁ ହେଙ୍ଗାନ ନିଜେ ୱୋସାନା ଇଞ୍ଜୁ ଭିତରେ ତୁଗାତୁତେ । ଏଚି ପୁଟା ଏ ବୁଢା ମାୟାଗଢା ତଲୁ ତୁହେଲି ଇଚିଙ୍କିତିଁ ଏ ବେଲାତା ମାୟାତଲୁଇ ମିଲାପଦା ତୁଖାତୁତେ । ମାୟାତଲୁଇ ଏ ବୁତା ରାଜା ପାରିତିଁ ତଲୁ ପାରିପାରି ୱାହେଲେ ତାକିଏ ମିଲାପଦା ତାଣାତଲୁ ମାଞ୍ଜା ନାଁଦା ମେସ୍ତିଁ । ମାତର ମିଲାପଦା ଏ ମାୟା ତଲୁ ହିଆତେ । ମାୟା ତଲୁ ତୁନିବୁଢା ୱେସ୍ତିଁ ଯେ ଏ ମାୟାତଲୁ ନାଙ୍ଗେ ଯଦି ହିଅଦି ଇଚେଁ ମିବା ପୁନିଜେ ଏ ବୁତାଇ ପାୟାତୁସାନା ଅର ଅଣିଇ ପୁନେ ରାଜାଇ ବିହା ଆହାଞ୍ଜି । ମିଲାପଦା କାତା ୱେଞ୍ଜୁନା ଏ ମାୟା ତୁଲାଇ ଏ ବୁଢାକି ହିଆସ୍ତେ । ଏମ୍ବାଟି ଏ ରାଜା ମାଙ୍ଗା ଏ ବୁଢାତାଗି ନିଜ ଦେଶ ପିଶାନା ଅନ୍ୟ ଦେଶତା ହାଜାତତୁ ଏ ଦେଶତା ଆନନ୍ଦକେ ତେବଆତୁ ।

□□□

# ମାୟାଛାଲ (ଗପ)

ଜଣେ ରାଜା ଥିଲେ । ତାଙ୍କର ସାତଟି ଝିଅଥିଲେ । ସାନ ଝିଅଟି ବେଶି ଚତୁର ଥିଲା । ରାଜା ଦିନେ ସାତ ଝିଅଙ୍କୁ ଡାକିଲେ ଏବଂ ପଚାରିଲେ, କହିଲ, ସମସ୍ତଙ୍କ କର୍ମ ସମାନ ନା ଭିନ୍ନ ଭିନ୍ନ । ଛଅ ଜଣ କହିଲେ ସମସ୍ତ କର୍ମ ସମାନ । ମାତ୍ର ସାନ ଝିଅ କହିଲା ଯାହାର କର୍ମ ତାହାର । ରାଜା ଛଅଟି ଝିଅକୁ ବିବାହ ଦେଲେ । କିନ୍ତୁ ସାନ ଝିଅଟି ଚତୁର ବୋଲି ରାଜା ଗୋଟିଏ ମରିବା ମରିବା ହେଉଥିବା ବୁଢାବର ସହ ତାକୁ ବିବାହ ଦେଲେ । ସେହି ବୁଢାବରଟି ଥିଲା ଗୋଟିଏ ମାୟାଛାଲ ପିନ୍ଧା ରାଜା । ଛଅଟି ଝିଅ ସେମାନଙ୍କ ଜ୍ୱାଇଁଙ୍କ ସହ ରାଜ ଉଆସରେ ଆନନ୍ଦରେ ରହିଲେ । ରାଜା ସାନ ଝିଅଟି ପାଙ୍ଗରେ ଗୋଟିଏ ପୋଇଲି ପଠାଇଲେ । ପୋଇଲି ସେହି ସାନ ଝିଅ ଘରେ ରହୁଥାଏ । ଠିକ୍ ରାତି ବାରଟା । ମାୟାଛାଲ ପିନ୍ଧା ରାଜା ତାର ପ୍ରକୃତ ରୂପ ନେଲା । ଏହି ସମୟରେ ସେହି ପୋଇଲି ଏହି ବୁଢା ଜ୍ୱାଇଂ ରୂପ ବଦଳରେ ଗୋଟିଏ ସୁନ୍ଦର ରାଜାର ରୂପ ଦେଖିଲା । ଯେ କି ଘୋଡାରେ ବୁଲୁଥିଲା । ଏହି ରହସ୍ୟମୟ କଥା ପୋଇଲି ସାନ ଝିଅକୁ କହିଲା । ସେହି ସମୟରେ ତାଙ୍କ ଗାଁ ପାଖରେ ପର୍ବ ଚାଲିଥାଏ । ସାନ ଝିଅଟି ମାୟାଛାଲ ରୂପ ଦେଖିବା ପାଇଂ ଆଳ କରି ପର୍ବ ଦେଖିବାକୁ ତା ସ୍ୱାମୀକୁ କହିଲା । ତାର ବୁଢାବର ପର୍ବ ଦେଖିଯିବାକୁ କହିଲା କିନ୍ତୁ ସାନ ଝିଅ ପର୍ବ ଦେଖିବାକୁ ନ ଯାଇ ଘରେ ଲୁଚିରହିଲା । ଯେତେବେଳେ ରାତିର ସେହି ସମୟ ଆସିଲା, ମାୟାଛାଲ ପିନ୍ଧା ବୁଢା

ନିଜର ରୂପ ନେଲା । ସାନ ଝିଅ ତାହା ଦେଖିଲା ଏବଂ ବହୁତ ଖୁସି ହେଲା । ସାନ ଝିଅ ଅନ୍ୟ ଦିନ ଭଳିଆ ପର୍ବ ଦେଖିବାକୁ କହି ଘରେ ଲୁଚି ରହିଲା । ଯେତେବେଳେ ମାୟାଛାଲ ଛାଡି ରାଜା ନିଜସ୍ୱ ରୂପ ନେଲେ ସେ ସେହି ଛାଲଟିକୁ ଲୁଚାଇଦେଲା । ମାୟା ରାଜା ସେହି ଛାଲ ଟିକୁ ଖୋଜିଲା । ଶେଷରେ ସାନ ଝିଅ ପାଖରେ ତାହା ଦେଖିଲା । ସାନ ଝିଅ ତାକୁ ସେହି ଛାଲ ଦେଲା ନାହିଁ । ମାୟା ଛାଲ ପିନ୍ଧା ବୁଢା କହିଲା ସେହି ଛାଲଟି ଯଦି ମୋତେ ନ ଦେବୁ, ତାହାହେଲେ ତୋ ବାପା ତୋତେ କହିବେ ସେହି ବୁଢା ବରକୁ ମାରିଦେଇ ତୁ ଆଉ ଗୋଟିଏ ରାଜାକୁ ବିବାହ ହୋଇଛୁ । ସାନ ଝିଅ ଶେଷରେ ମାୟାଛାଲଟିକୁ ଦେଇ ଦେଇଛି ଓ ସେ ଦୁହେଁ ଅନ୍ୟ ଗୋଟିଏ ଦେଶକୁ ପଳାଇ ଯାଇ ଆନନ୍ଦରେ କାଳାତିପାତ କରିଛନ୍ତି ।

□□□

# ବାନ୍ଦାଗକି ଅଡେ କାଓ୍ୱା(ଲୋକକାହାଣୀ)

ମାହାଁ ମାରାରଣ୍ଡି ମାଚେ । ଇମ୍ବାଆଁ କାଓ୍ୱାଁ ତେବା ଆହିଞ୍ଜୁର ଦିନା ବେଶି ପିୟୁ ରିତେ । କାଓ୍ୱାଁ ପିୟୁ ରି ହିଲିତା କିଏ ତା ନିଜ ଇଲ୍ଲୁତା ରାହାଁ କେ ମାଟୁ । ତ୍ରିକି କିଁ ର ବାନ୍ଦାଗକି ୱାହାନା କାଓ୍ୱାଇ ୱେସ୍ତେ, ତାଇଭାଇ ନାଙ୍ଗିଇଚେକା ଜାଗା ହିଆଦୁ । ମାତର କାଓ୍ୱା ଅଡେ ବାନ୍ଦାଗକି ବିଡିରା ପାଡେଏ, ଏଓ୍ୱି ବାନ୍ଦାଗକିତି କାସକାଟୁହାଲିଇ ବାନ୍ଦାଗକି ଅଡେଇ ମାରାଦୁ କାରାଗାତା ଡିରାତେ । ତ୍ରାକାକା କାଜା ଆଜି ପିୟୁ ରିତେ । ପିୟୁ ପିସିଲି ତାକିଏ ବାନ୍ଦାଗକି ବାହାରେ ୱାତେ । ହେଣ୍ଡିଲି ପାଟେନେ ଆଜିଁ ପିୟୁତା କାଓ୍ୱାଁ ହାହାସାନୁ । ବାନ୍ଦାଗକି ବାବକିତେ ମାତର ନାଙ୍ଗେ ମାଁହାପୁରୁ ରକ୍ଷା କିଆତେ ।

ଙ୍ଖରଅଣି ୱାଦାଁ କରାମି ଅଣପିତେଁ ନିଜର ୱାନାଷ୍ଟ ଆନେ ।

□□□

# ବଗ ଓ କାଉ ଗପ

ଆମ୍ବ ଗଛଟିଏ ଥାଏ । ସେଥିରେ କାଉମାନେ ବସା କରିରହିଥାନ୍ତି । ଦିନେ ବହୁତ ବର୍ଷା ହେଲା । କାଉ ମାନେ ମନ ଆନନ୍ଦରେ ନିଜ ନିଜ ବସାରେ ଥାନ୍ତି । ହଠାତ ଗୋଟିଏ ବଗ ଉଡିଆସି ଆମ୍ବ ଗଛରେ ବସିଲା ଏବଂ କହିଲାକାଉ ଭାଇ ମାନେ ମତେ ଟିକିଏ ଆଶ୍ରୟ ଦିଅ । କାଉ ଓ ବଗ ମଧ୍ୟରେ କେବେ ପଟେ ନାହିଁ । ସେମାନେ ବଗକୁ ଖୁମ୍ପା ଖୁମ୍ପି କରିବାରୁ ବଗ ଅନ୍ୟ ଏକ ଗଛ କୋରଡରେ ରହିଲା । ହଠାତ୍ ଖୁବ୍ ଜୋରରେ କୁଆପଥର ବର୍ଷା ହେଲା । ବର୍ଷା କମିବାରୁ ବଗ ବାହାରକୁ ଆସି ଦେଖିଲା । କୁଆପଥର ମାଡରେ ସବୁତକ କାଉ ମରିଯାଇଛନ୍ତି । ବଗ ଭାବିଲା ଯାହା ହେଉ ମୋତେ ଭଗବାନ ରକ୍ଷାକଲେ ।

□□□

# କୟୁ ଅଡେ ସୁରୁଜୁ

ନକେଏଁ କାଜା ଜାତାତା ହାରୁଁ ପଟାଁକାଟିଁ, ଜାତାଜନ୍ତୁ ତେବା ଆହିୱେତୁ । ରଦିନା ସବୁ ବେଳାତି ୱାଜେଁ ୱେତା ହଆତେ । ସବୁୱାକି ଆନିରି ଆହାହାଚେ, ଇଦାକିହି କିହିଁ ସବୁଜାଣା ବିଜାରା ଆହାହାଚୁ । ଏମ୍ବାଟିଏ ଜାତାଜନ୍ତୁ ପଟାକାଟି ର କୁଟମି କଗିତୁ । କୁଗାନା ସଭାତା ବିଚରା କିତୁ ଯେ, ଏମ୍ବେଏ ୱେତାଆଁ ହାଟିଲି ହାଡିନେ । ସଭାତା ମେଲୁ ୱେସ୍ତେ ଯେ, ନାନୁ ୱେତାଆଁ ହାଟିଲି ହାଇଁ । ମେଲୁ ହାଚେ ହାଣାଁ କଁ କଁ ......... ୱ୍ୱାନୁଦେ ସୁରୁଯୁ· ୱାନୁ ଇଜିଁ ଏଚାକାହାଟିତେ ଏମ୍ବାଆଁ ଜାକା ସୁରୁଯୁ ପେନୁ ୱାଆତେ । ମେଲୁ ୱାହାନା ୱେସ୍ତେ ୱାଆତେ ଏମ୍ବାଟିଏ ନେଏଟି ସବୁଜାଣା କୟୁଉଁ ପାଣ୍ଡିତୁ, ନେଏଟି କୟୁ କକରେ କଁ କକରେ କଁ ...... ଇଜିଁ ହାଟିତେ, ଏମ୍ବାଟିଏ ସୁରୁଜୁ ଦେବତା ଏଦାଣି ଗିୟାଁଆଁ ୱେଞ୍ଜାନାଁ ହତାତେ । ଏ ଦିନାଟିଏ କୟୁ କେଣେତେଁ ଦେଁ ଲାଏସି ଆନେ । ଏମ୍ବାଟିଏ ସବୁ ଜାତାଜନ୍ତୁ ପଟାକାଟି ରାହାଁ ଆତୁ ।

□□□

# କୁକୁଡା ଓ ସୂର୍ଯ୍ୟ

ଆଗ କାଳରେ ବଣ ଜଙ୍ଗଲରେ ପଶୁ ପକ୍ଷୀ ରହୁଥିଲେ । ଦିନେ ସବୁଦିନ ପରିସୂର୍ଯ୍ୟ ଉଇଲା ନାହିଁ। ସବୁ ଆଡେ ଅନ୍ଧାର ହୋଇଗଲା । ଏଥିପାଇଁ ସମସ୍ତେ ଅନ୍ଧାରରେ ଶୋଇ ଶୋଇ ବ୍ୟସ୍ତ ହୋଇପଡିଲେ । ଏହାପରେ ବଣଜନ୍ତୁ ଓ ପକ୍ଷୀଗୁଡିକ ମିଶି ସଭା କଲେ । ଏହି ସଭାରେ ବିଚାର କଲେ ଯେ, କିଏ ସୂର୍ଯ୍ୟକୁ ଡାକିବାକୁ ଯିବ । ସଭାରେ ମୟୂର କହିଲା ମୁଁ ସୂର୍ଯ୍ୟକୁ ଡାକୁବାକୁ ଯିବି । ମୟୂର ଯାଇ କଁ କଁ ଶଦ୍ଧ କରି ସୂର୍ଯ୍ୟ ମହାପ୍ରଭୁ ଆସନ୍ତୁ ବୋଲି କହିଲା । ଏହିପରି କେତେ ଡାକିଲେ ମଧ୍ୟ ସୂର୍ଯ୍ୟ ଦେବତା ଆସିଲେ ନାହିଁ । ମୟୁର ଆସି କହିଲା ସୂର୍ଯ୍ୟ ଦେବତା ଆସିଲେ ନାହିଁ । ତାପରେ କୁକୁଡାକୁ ପଠାଗଲା ଶେଷକୁ କୁକୁଡା କ-କେ-ରେଁ-କେଁ, କ-କେ-ରେଁ-କେଁ ଶଦ୍ଧକରି ସୂର୍ଯ୍ୟଙ୍କୁ ଡାକିଲା ।ତାପରେ ସୂର୍ଯ୍ୟ ଦେବତା ତାର ଶଦ୍ଧ ଶୁଣି ଉଭାହେଲେ । ତାପରେ ବନ୍ୟ ଜନ୍ତୁ, ପକ୍ଷୀମାନେ ଖୁସି ହେଲେ । ସେହି ଦିନ ଠାରୁ କୁକୁଡାର ଡାକରେ ସକାଳ ହୁଏ ଏବଂ ସୂର୍ଯ୍ୟ ଉଅଁନ୍ତି ବୋଲି ବିଶ୍ୱାସ ।

□□□

# ଦେବଗିରି

ବେଶିଦିନ ତେଲେଣିତି କାତା ନକେଏ ମାହାପୁରୁକା ଉଁଚେଁ ଦେବତା ଜାକା ତେଲେପୁରୁ ରେଗା ୱାହିଲି ୱାହିୱେତୁ । ଏଦାଆଁ ତାକିର ଦିନା ତେଲେଣି ରେଚାନା, ତାଲେଗାଡା ଶିବ ଅଡେ ପାର୍ବତୀ ରେଗାୱାହାଁଚୁ । ଲେଗପୁରୁ ହାଜାତୁନବି ଦେ ଇଁଜିଲିଏ ଧାରତି ରାଜା ଆନାଆଁପାରାଅଦୁ ଇଂଜୁ ପାଣ୍ଡିଇଚି । ଶିବ ପାର୍ବତୀ ଲେଅପୁର ହାନୀ ପୁଟାତାକି ମିଲୁଅଁ ଆହାହାତେ । ଶିବ କାନ୍ଦାତା କାଞ୍ଜୁ ତେକାମଚିଁ ଅଡେ ପାର୍ବତୀ ତାରୁଁଡା ଦୁଗଞ୍ଜେ । ସିଙ୍ଗପୁରୁ ବାହାନା ହଠାତ୍ କୟୁ କଣେତେ, ଏମ୍ବାଟିଏ ଲାଏସି ୱେୟାହାତେ । ନର ମେସାସ୍ତାନୁ ଇଞ୍ଜି ଶିବ କାଞ୍ଜୁ ରେପହିତି ହାଣା ମାଦେଏ ତେବା ଆହାଚିଁ । ପାର୍ବତୀ ତାଦାଆଁ ରେପାହାନା ଏମ୍ବାନେଏଁ ତେବାଆତେ । ଏଦିନେଟିଏ ଦେବଗିରି ଅଡେ କୁକୁଡାଗିରି ଇଚେରି । ଏ ଦେବଗିରି ତା ମାଦେଏ ଶିବ ମାହାପୁରୁ ଇଞ୍ଜ ପେଡାଲା ପୁଜା ପାଡିନିଁ ।

□□□

# ଦେବଗିରି

ବହୁ ଦିନ ତଳର କଥା । ସେତେବେଳେ ସ୍ୱର୍ଗରୁ ମର୍ତ୍ତ୍ୟକୁ ଶିବ ଓ ପାର୍ବତୀ ବୁଲିବାକୁ ଆସୁଥିଲେ । ଏମିତି ଦିନେ ମର୍ତ୍ତ୍ୟକୁ ଓହ୍ଲାଇ ଚାଲି ଚାଲି ଶିବ ଓ ପାର୍ବତୀ ବୁଲୁଥିଲେ । ଶିବ ଓ ପାର୍ବତୀ ସ୍ୱର୍ଗକୁ ଫେରିବା ବେଳକୁ ସଂଧ୍ୟା ହୋଇଗଲା । ମର୍ତ୍ତ୍ୟର କିଛି ଜିନିଷ ଶିବ କାନ୍ଧେଇ ଥିଲେ ଓ ପାର୍ବତୀ ମୁଣ୍ଡାଇଥିଲେ । ସିଙ୍ଗିପୁର ପହଞ୍ଚିଲା ବେଳକୁ କୁକୁଡା ଡାକିଲା ସେତେବେଳକୁ ଉଜ୍ଜ୍ୱଳ ହୋଇଗଲା । ଲୋକମାନେ ଦେଖିବେ ବୋଲି ଶିବ କାନ୍ଧରୁ ଭାର ଓହ୍ଲାଇ ଦେଇ ସେଇଠାରେ ରହିଗଲେ । ପାର୍ବତୀ ମଧ୍ୟ ମୁଣ୍ଡାଇ ଥିବା ଜିନିଷ ଓହ୍ଲାଇ ଦେଇ ସେଠାରେ ରହିଗଲେ । ଏଥିପାଇଁ ଏହି ସ୍ଥାନକୁ ଦେବଗିରି ଓ କୁକୁଡାଗିରି କୁହାଯାଏ । ଏହି ଦେବଗିରି ମଝିରେ ଶିବ ମହାପ୍ରଭୁ ପିତଳ ରୂପରେ ପୂଜା ପାଉଛନ୍ତି ।

□□□